visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.306 Bhubaneswar Sunday, January 30, 2022 | ୨୪ତମ ବର୍ଷ ସଂଖ୍ୟା-୩୦୬ ଭୁବନେଶ୍ୱର, ରବିବାର, ଜାନୁଆରୀ ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଲିଙ୍ଗରାଜଙ୍କ ୧ ଏକର ଜମି ହଡପ : ଦୋଷ କାହାର ?



ଭୁବନେଶ୍ୱର,୨୯।୧(ପି.ଏନ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମୂଲ୍ୟବାନ ୧.୧୫୦ଏକର ଜମିକୁ ହଡପ ପାଇଁ ସୁଚିନ୍ତିତ ଷଡଯନ୍ତ୍ର ଚାଲିଛି । ରାଜଧାନୀର ବ୍ୟସ୍ତବହୁଳ ଏୟାରପୋର୍ଟ ଅଂଚଳରେ ଏହି ମୂଲ୍ୟବାନ ଜମିକୁ ବେଆଇନ ଦଖଲକୁ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ଲିଙ୍ଗରାଜ ମନ୍ଦିର ପ୍ରଶାସନଠୁ ଆରମ୍ଭ କରି ପୁଲିସ ପ୍ରଶାସନ ସମସ୍ତେ ନିରବ ରହିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସମସ୍ତଙ୍କ ମିଳିତ ଷଡଯନ୍ତ୍ରରେ ମହାପ୍ରଭୁଙ୍କ ଏହି ମୂଲ୍ୟବାନ ଜମିକୁ ଜଣେ ଖଣି ଠିକାଦାରଙ୍କ ପତ୍ନୀଙ୍କୁ ବିକ୍ରି-ଖରିଦ୍ଦି କରାଯିବା ପରେ ଏବେ ଦୋଷ ଛଡାଇବାକୁ ଭୁବନେଶ୍ୱର ତହସିଲଦାର ଆଗକୁ ଆସି ଉକ୍ତ ଜମି ଭୁଲବଶତଃ ଜଣେ ଘରୋଇ ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଯାଇଥିଲା ବୋଲି କହିବା ସହ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗତକାଲି ଶୁକ୍ରବାର ଏକ ଚିଠି ଲେଖି ଭୁବନେଶ୍ୱର ଅତିରିକ୍ତ ଡିସିପିଙ୍କ ପାଖରେ ୧୪୪ ସିଆରପିସିରେ ମାମଲା ରୁଜୁ କରିବାକୁ ପରାମର୍ଶ ଦେଇଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ଲିଙ୍ଗରାଜ ମହାପ୍ରଭୁଙ୍କ ଏହି ଜମିକୁ ହୃଷିକେଶ ଦାଶ ନାମକ ଜଣେ ବ୍ୟକ୍ତି ୨୦୨୧ ନଭେମ୍ବର ୬ତାରିଖରେ ଭୁବନେଶ୍ୱର ତହସିଲରେ ୬କୋଟି ୪୫ଲକ୍ଷ ଟଙ୍କାରେ କୃଥିକା ପି. ନାମକ ଜଣେ ମହିଳାଙ୍କୁ ବିକ୍ରି କରିଥିଲେ । ଯାହାର ପଟ୍ଟା ମଧ୍ୟ ମାତ୍ର ୧୫ଦିନ ମଧ୍ୟରେ ସମ୍ପୃକ୍ତ ମହିଳାଙ୍କୁ ଜାରି ହୋଇଥିଲା ।ଭୁବନେଶ୍ୱର ତହସିଲଦାର ଗତକାଲି ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଜମି ରେକର୍ଡ ସେବା ନିର୍ଦ୍ଦେଶାଳୟରେ ଥିବା ସାବିକ ରେକର୍ଡ ଅନୁସାରେ ମହାପ୍ରଭୁ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ନାଁରେ ଭୀମପୁର ମୌଜା(ବିମାନ ବନ୍ଦର ନିକଟ)ରେ ଥିବା ୧ଏକର ୧୫୦ଡିସିମିଲ ଜମି ରହିଛି । ମାତ୍ର ଭୁଲବଶତଃ ଏହି ଜମି ଜଣେ ଘରୋଇ ବ୍ୟକ୍ତିଙ୍କ ନାଁରେ ରେକର୍ଡ ହୋଇଯାଇଥିଲା । କିନ୍ତୁ ଏନେଇ ବୋର୍ଡ ଅଫ ରେଭିନ୍ୟୁଙ୍କ ନିକଟରେ ଏକ ରିଭିଜନ୍ ପିଟିସନ ଦାଖଲ କରାଯାଇଛି । ଇତିମଧ୍ୟରେ ଉକ୍ତ ଜମିକୁ ଫେରସ୍ତ ଅଣାଯାଇଛି ଓ ମ୍ୟୁଟେସନ ପଟ୍ଟା ମଧ୍ୟ ରଦ୍ଦ କରାଯାଇଛି । ଜମିକୁ ଫେରସ୍ତ ଆଣିବା ପାଇଁ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଫିସରଙ୍କ ଦ୍ୱାରା ବୋର୍ଡ ଅଫ ରେଭନ୍ୟୁରେ ଏକ ରିଭିଜନ କେସ ଦାଖଲ କରାଯାଇଛି ଓ ଚୂଡାନ୍ତ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଉକ୍ତ ମୂଲ୍ୟବାନ ଜମି ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଥିବା ତହସିଲଦାର କହିଛନ୍ତି । ତେବେ ରିଭିଜନାଲ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଏହି ଜମିରେ କେତେକ ନିର୍ମାଣ କାର୍ଯ୍ୟ ଚାଲିଥିବା ନଜରକୁ ଆସିବା ପରେ ମନ୍ଦିର କର୍ମଚାରୀଙ୍କ ସହ ଭୁବନେଶ୍ୱର ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କୁ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ମନ୍ଦିର ପ୍ରଶାସନର କୌଣସି କର୍ମଚାରୀ ଘଟଣାସ୍ଥଳରେ ନଥିଲେ ଓ ସେ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ପ୍ରୟାସ କରିଥିଲେ ।ଆରଆଇଙ୍କ ଚେତାବନୀ ସତ୍ତ୍ୱେ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ଏଭଳି ବେଆଇନ ନିର୍ମାଣ ସମ୍ପର୍କରେ ଭୁବନେଶ୍ୱର ଜୋନ-୨ ପୁଲିସ ଏସିପିଙ୍କୁ ଅବଗତ କରାଯାଇ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା ବୋଲି ତହସିଲଦାର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଏସିପିଙ୍କ ସହ ଆଲୋଚନାବେଳେ ଜଣାପଡିଥିଲା ଯେ, ସେହି ଜମିରେ କାର୍ଯ୍ୟ ବନ୍ଦ ନିମନ୍ତେ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସିଆରପିସି-୧୪୪ ଧାରାରେ ଏକ ଅଭିଯୋଗ ଭୁବନେଶ୍ୱର ଅତିରିକ୍ତ ଡିସିପିଙ୍କ ନିକଟରେ ଦାଖଲ କରିବାର ଆବଶ୍ୟକତା ରହିଛି । ନଚେତ୍ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଛି । ତେଣୁ ତୁରନ୍ତ ଭୁବନେଶ୍ୱର ଅତିରିକ୍ତ ଡିସିପିଙ୍କ ନିକଟରେ ସିଆରପିସିର ୧୪୪ ଧାରାରେ ଏକ ଅଭିଯୋଗ କରିବା ପାଇଁ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗତକାଲି ତହସିଲଦାର ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ, ମନ୍ଦିରର ଏହି ଜମିକୁ ବେଆଇନ ବିକ୍ରି କରାଯାଇଥିବା ନେଇ ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିବାହୀ ଅଧିକାରୀ ୨୦୨୧ ନଭେମ୍ବର ୧୮ତାରିଖରେ ଏୟାରଫିଲଡ୍ ଥାନା ଆଇଆଇସିଙ୍କ ପାଖରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ଉପରେ ପୁଲିସ ଏପର୍ଯ୍ୟନ୍ତ କିଛି କରୁନଥିବାବେଳେ ପୁଣି ଭୁବନେଶ୍ୱର ଅତିରିକ୍ତ ଡିସିପିଙ୍କ ପାଖରେ ମାମଲା ରୁଜୁ ପାଇଁ ତହସିଲଦାର କହିବା କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଛି ।ସୂଚନାଯୋଗ୍ୟ, ନୂଆ ଏୟାରପୋର୍ଟ ଟ୍ରାଫିକ ଛକଠୁ ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ ଥିବା ଭୀମପୁର ମୌଜାରେ ଲିଙ୍ଗରାଜ ମହାପ୍ରଭୁଙ୍କ ନାଁରେ ଥିବା ପ୍ରାୟ ୧୭ଏକର ଜମିକୁ ବିଭିନ୍ନ ଲୋକ ଚଂଚକତା କରି ନିଜ ନାମରେ ରେକର୍ଡ କରାଇ ନେଇଛନ୍ତି । ମହାପ୍ରଭୁଙ୍କ ଏହି ସମ୍ପତ୍ତିରୁ ୧.୧୫୦ଏକର ଜମିକୁ ବାରିପଦାର ହୃଷିକେଶ ଦାଶ ନାମକ ଜଣେ ବ୍ୟକ୍ତି ୨୦୨୧ ନଭେମ୍ବର ୬ତାରିଖରେ ଭୁବନେଶ୍ୱର ତହସିଲରେ ୬.୪୫କୋଟି ଟଙ୍କାରେ ଖଣି ବ୍ୟବସାୟୀ ପି.ପ୍ରଭାକରନଙ୍କ ପତ୍ନୀ କୃଥିକାଙ୍କୁ ବିକ୍ରି କରିଥିଲେ । ଲିଙ୍ଗରାଜ ମନ୍ଦିର ପ୍ରଶାସନ, ଭୁବନେଶ୍ୱର ତହସିଲଦାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଷଡଯନ୍ତ୍ରରେ ମହାପ୍ରଭୁଙ୍କ ଏହି ମୂଲ୍ୟବାନ ଜମିକୁ ଶ୍ରୀ ଦାଶ ବିକ୍ରି କରିଥିଲେ । ଏହି ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାପରେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିବାରୁ ରାଜସ୍ୱ ବିଭାଗ ନିଜର ଦୋଷ ଛଡାଇବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଉ ଭୁବନେଶ୍ୱର ତହସିଲଦାର ମଧ୍ୟ ମାତ୍ର ୧୫ଦିନ ଭିତରେ ଦେଇଥିବା ପଟ୍ଟାକୁ ତରବରିଆ ଭାବେ ରଦ୍ଦ କରିଥିଲେ । ଜମିର ମାଲିକାନା ସତ୍ତ୍ୱ ପୁଣିଥରେ ଲିଙ୍ଗରାଜ ମହାପ୍ରଭୁଙ୍କ ନିକଟକୁ ଫେରି ଆସିଥିଲେ ମଧ୍ୟ ଜମି କିଣିଥିବା ପି. କୃଥିକା ସେଠାରେ ନିଜର ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ଜଣାପଡିଛି ।ଉଲ୍ଲେଖଯୋଗ୍ୟ, ମନ୍ଦିରର ଏହି ଜମିକୁ ବେଆଇନ ବିକ୍ରି କରାଯାଇଥିବା ନେଇ ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିବାହୀ ଅଧିକାରୀ ୨୦୨୧ ନଭେମ୍ବର ୧୮ତାରିଖରେ ଏୟାରଫିଲଡ୍ ଥାନା ଆଇଆଇସିଙ୍କ ପାଖରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ଉପରେ ପୁଲିସ ଏପର୍ଯ୍ୟନ୍ତ କିଛି କରୁନଥିବାବେଳେ ପୁଣି ଭୁବନେଶ୍ୱର ଅତିରିକ୍ତ ଡିସିପିଙ୍କ ପାଖରେ ମାମଲା ରୁଜୁ ପାଇଁ ତହସିଲଦାର କହିବା କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଛି ।

## ଆହୁରି ୨ ଦିନ ପ୍ରବଳ ଜାଡ

ଭୁବନେଶ୍ୱର, ୨୯।୧(ପି.ଏନ): ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ଶୀତ ହେବ। ୩୧ ତାରିଖ ପର୍ଯ୍ୟନ୍ତ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଉତର-ପଶ୍ଚିମ ଦିଗରୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାରେ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜିଠାରୁ ୩୦ ତାରିଖ ସକାଳ ସାଢ଼େ ୮ଟା ଯାଏଁ ସୁନ୍ଦରଗଡ଼,ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ଦେବଗଡ଼,ଅନୁଗୋଳ ,ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସୋନପୁର, ବୌଦ୍ଧ , କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଶୀତ ଅନୁଭୂତ ହେବ। ସେଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୩୦ ତାରିଖ ସକାଳ ସାଢ଼େ ୮ଟାରୁ ୩୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, କଳାହାଣ୍ଡି ଓ ନୂଆପଡ଼ାଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଶୀତର ଲହର ଅନୁଭୂତ ହେବାର ସମ୍ଭାବନା ରହିଛି। ସେଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ର କହିଛି ରାତି ତଥା ପାହାନ୍ତିଆ ସମୟରେ ଯଥା ସମ୍ଭବ ଘରେ ରୁହନ୍ତୁ। ଶୀତରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ସହ ଏକାଧିକ ପୋଷାକ ପିନ୍ଧନ୍ତୁ। ଗୃହ ପାଳିତ ପଶୁଙ୍କ ରହିବା ପାଇଁ ଖୋଲା ସ୍ଥାନ ପରିବର୍ତ୍ତେ ଘରେ ବ୍ୟବସ୍ଥା କରନ୍ତୁ। ରାତି ସମୟରେ ଦୁଇ ଚକିଆ କିମ୍ବା ଅନ୍ୟ ଖୋଲା ଯାନବାହାନରେ ଯିବାଆସିବା କରନ୍ତୁ ନାହିଁ ।ଅପରପକ୍ଷରେ ଗତକାଲି ୧୦ ସହରର ରାତି ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିରେ ୬.୦ ଡିଗ୍ରୀ, ଫୁଲବାଣୀରେ ୬.୦ ଡିଗ୍ରୀ, କେନ୍ଦୁଝରରେ ୮.୦ ଡିଗ୍ରୀ, ସୋନପୁରରେ ୮.୦ଡିଗ୍ରୀ, ଭବାନୀପାଟଣାରେ ୮.୦ଡିଗ୍ରୀ, ଝାରସୁଗୁଡ଼ାରେ ୮.୪ ଡିଗ୍ରୀ, କୋରାପୁଟରେ ୯.୦ ଡିଗ୍ରୀ, ନୟାଗଡ଼ରେ ୯.୦ ଡିଗ୍ରୀ, ବଲାଙ୍ଗିରରେ ୯.୦ ଡିଗ୍ରୀ ଓ ବୌଦ୍ଧରେ ୧୦.୦ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି।

## ବିଜେଡି ବିରୋଧରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୨୯।୧(ପି.ଏନ): ଶାସକ ଦଳ ଖୋଲାଖୋଲି ନିର୍ବାଚନ ଆଚରଣ ବିଧି ଉଲଂଘନ କରୁଛି । ଏଭଳି ପ୍ରସଙ୍ଗ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେପି । ବିଜେପିର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନରଙ୍କୁ ଭେଟି ଅଭିଯୋଗ କରିଛି। ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଭିଏଲଡବ୍ଲ୍ୟୁ ଭତା ବାଂଟୁଛନ୍ତି । ତଥ୍ୟ ପ୍ରମାଣ ସହ ନିର୍ବାଚନ କମିଶନଙ୍କ ନିକଟରେ ଆମେ ଫେରାଦ ହୋଇଛୁ । ବିଡିଓଙ୍କ ନିର୍ଦ୍ଦେଶରେ ଏଭଳି କରାଯାଉଥିବା ପ୍ରମାଣ ମିଳିଛି । ସେହିପରି ଭୁବନେଶ୍ୱର ଜୋନ୍ ନମ୍ବର ୩୦ ଓ ବାଙ୍କୀର ଜୋନ୍ ନମ୍ବର ୩୮ରେ ଶାସକ ଦଳର ଶହ ଶହ ଲୋକ ନିର୍ବାଚନ ପ୍ରଚାର କରୁଛନ୍ତି ।

## ଏବର୍ଷ ବି ଖଣ୍ଡଗିରି ମେଳା ବନ୍ଦ !

ଭୁବନେଶ୍ୱର, ୨୯।୧(ପି.ଏନ): ଚଳିତ ବର୍ଷ ମଧ୍ୟ ବନ୍ଦ ରହିବ ଖଣ୍ଡଗିରି ମେଳା। କୋଭିଡ୍ କଟକଣା ପାଇଁ ଖଣ୍ଡଗିରି ମେଳା ବନ୍ଦ ରଖିବାକୁ ନିଷ୍ପତି ନିଆଯାଇପାରେ ବୋଲି ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି। ବିଏମସି ପକ୍ଷରୁ କୁହାଯାଇଛି , କେବଳ ବିଧି ଓ ପରମ୍ପରା ଅନୁସାରେ ରାଣୀ ଗୁମ୍ଫାକୁ ପ୍ରଭୁ ଅନନ୍ତ କେଶରୀ ଯାତ୍ରା କରିବେ ଓ ମା' ବାରଭୁଜାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ମେଳାରେ ଷ୍ଟଲ୍ ପଡ଼ିବ ନାହିଁ କି ଅପେରା ପ୍ରଦର୍ଶନ ହେବ ନାହିଁ।

## ଗୋଟିଏ ଦିନରେ ୪୮୪୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୮୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୪୧୦୬୮କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬୭୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୭୩ ହଜାର ୯୦୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୮୫୩୩ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୮୪୨ ଜଣଙ୍କ ମଧ୍ୟରୁ ୨୮୦୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୦୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୨୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୪ , ବାଲେଶ୍ୱର ଜିଲ୍ଲାରୁ ୧୬୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୮ , କଟକରୁ ୪୪୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୫, ଗଂଜାମ ଜିଲ୍ଲାରେ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୬, ଯାଜପୁରରୁ ୧୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮୦ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୬୯ , ଖୋର୍ଦ୍ଧାରୁ ୧୨୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୮୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୧୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ପୁରୀ ଜିଲ୍ଲାରୁ ୭୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୫୯, ଷ୍ଟେଟ୍ ପୁଲରୁ ୨୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିକାଶ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ବୃହତ ବନ୍ଦର ଗୁଡିକ ଦ୍ୱାରା ହେଉଥିବା ସବୁଜ ପ୍ରୟାସର ସମୀକ୍ଷା



ପାରାଦୀପ,୨୯।୧(ପି.ଏନ୍): ସବୁଜ ବନ୍ଦର ଓ ଜାହାଜ ଚଳାଚଳର ବିକାଶ ନିମନ୍ତେ ମେରିଟାଇମ ଇଣ୍ଡିଆ ଭିଜନ ୨୦୩୦ରେ ଗୁରୁତ୍ୱ ଦିଆଯାଇଥିବା ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଆଜି ଏ ସଂପର୍କରେ ବିଭିନ୍ନ ବୃହତ ବନ୍ଦରର ମୁଖ୍ୟ ସିଏସଏଲ ଓ ଆଇଡବ୍ଲୁଏଆଇ ର ଏକ ସମିକ୍ଷା ବୈଠକ କରିଥିଲେ । ଏ ଅବସରରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ଓ ଚଳମାର୍ଗ ବିକାଶ ସଚିବ ଡ. ସଂଜିବ ରଂଜନ ମଧ୍ୟ ଉପସ୍ଥିତ ଥିଲେ । ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ.ହରନାଦ ଓ ଉପାଧକ୍ଷ ଏ.କେ.ବୋଷ ଏହି ଭରଚୁଆଲ ବୈଠକରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ବର୍ଷ ମାର୍ଚ୍ଚ ମାସରେ ମେରିଟାଇମ ଇଣ୍ଡିଆ ସମିଟ୍ ଅବସରରେ ମେରିଟାଇମ୍ ଇଣ୍ଡିଆ ଭିଜନ ୨୦୩୦ର ଉନ୍ମୋଚନ କରିଥିଲେ । ଏଥିରେ ବୃହତ ବନ୍ଦର ଗୁଡିକରେ ୬୦ ପ୍ରତିଶତରୁ ଅଧିକ ଶକ୍ତି ଚାହିଦା ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ଯେପରି ସୌରଶକ୍ତି ଓ ପବନ ଦ୍ୱାରା ପୂରଣ କରାଯିବା ପାଇଁ ଲକ୍ଷ ରଖାଯାଇଛି । ଏହାଛଡା ପରିବେଶିୟ ପ୍ରତିକୂଳ ପ୍ରଭାବକୁ ଯଥା ସମ୍ଭବ ହ୍ରାସ କରାଯାଇ ଦେଶର ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ଏହି କ୍ରମରେ ପାରାଦୀପ ବନ୍ଦର ପକ୍ଷରୁ ଛାତ ଉପର ସୌର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ୧୦ ମେଗାୱାଟ ସୌର ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହିତ ବନ୍ଦର କର୍ତ୍ତୃପକ୍ଷ ଆଲୋଚନା କରୁଥିବା ଶ୍ରୀ ହରନାଦ ସୂଚନା ଦେଇଥିଲେ । ବହୁ ପ୍ରକାର ସ୍ୱଚ୍ଛ ଇନ୍ଧନ ସୁନିଶ୍ଚିତ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷ ବିଭିନ୍ନ ସରକାରୀ ତୈଳ କମ୍ପାନୀ ସହିତ ଆଲୋଚନା ଜାରୀ ରଖିଛନ୍ତି । ବନ୍ଦରରେ ଏଲଏନଜି ଡିପୋ ସ୍ଥାପନ କରାଯିବ ଓ ବନ୍ଦର ଭିତରେ ଥିବା ଡର ଗୁଡିକୁ ଏଲଏନଜି ଇନରେ ରୁପାନ୍ତର କରାଯିବା ପାଇଁ ସ୍ୱତନ୍ତ୍ର ଢାଞ୍ଚା ପ୍ରସ୍ତୁତି ଲାଗି ଆଲୋଚନା ଚାଲିଛି । ବନ୍ଦରରେ ପ୍ରାୟ ୩୦କି.ମି. ରେଳ ଲାଇନ ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଛି ଏବଂ ୨୦୨୪ ସୁଦ୍ଧା ସମସ୍ତ ରେଳ ନେଟୱର୍କ ବିଦ୍ୟୁତିକରଣ କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି । ଡିଜେଲ ଲୋକୋମୋଟିଭ୍ ଗୁଡିକ ଆସନ୍ତା ବର୍ଷ ଠାରୁ ପ୍ରର୍ଯ୍ୟାୟ କ୍ରମେ ବନ୍ଦ କରାଯିବ । ପାରାଦୀପ ବନ୍ଦରରେ ଧୂଳିକଣା ପ୍ରଶମନ ପ୍ରଣାଳୀ ବନ୍ଦରରେ କାର୍ଯ୍ୟକାରୀ ହୋଇ ସାରିଛି । ସେହିପରି କନଭର୍ ବେଲ୍ଟ ଓ ନିକଟସ୍ଥ ଶିଳ୍ପର ପାଇପ ଲାଇନ ଗୁଡିକ ପ୍ରଦ୍ୟୁଷଣ ନିୟନ୍ତ୍ରଣ ପାଇଁ ଆବରଣ କରାଯାଇଛି । ପରିବେଶ ପ୍ରଦ୍ୟୁଷଣକୁ ରୋକିବା ପାଇଁ ବର୍ଜ୍ୟଜଳ ବିଶୋଧନ କାରଖାନା ସ୍ଥାପନ, ଆବର୍ଜନା ନିଷ୍କାସନ ବ୍ୟବସ୍ଥା, ବୃକ୍ଷ ସ୍ୱଚ୍ଛତା ନିମନ୍ତେ ମିସକ୍ୟାନନ୍ ମେସିନ ପ୍ରଚଳନ, ରୋଡ୍ ସୁଇପିଙ୍ଗ ମେସିନ, ଟ୍ରକ ଟାୟାର ୱାସିଙ୍ଗ୍ ବ୍ୟବସ୍ଥା ଇତ୍ୟାଦି ବନ୍ଦର ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି । ବାୟୁର ଗୁଣବତ୍ତା ପରିଚାଳନା ପାଇଁ ପ୍ରମୁଖ ସ୍ଥାନ ମାନଙ୍କରେ ମନିଟରିଙ୍ଗ୍ ଷ୍ଟେସନ ମାନ ସ୍ଥାପନ କରାଯିବ । ୨୦୨୫ ସୁଦ୍ଧା ବନ୍ଦର ବର୍ଥ ଗୁଡିକର ଯାନ୍ତ୍ରୀକରଣ କରାଯିବ । କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବନ୍ଦର ପକ୍ଷରୁ ମୁନିସିପାଲିଟିକୁ ୫୦ ଏକର ଜାଗା ଯୋଗାଇ ଦିଆଯାଇଛି । ନୁମାଲିଗଡ ରିଫାଇନେରୀ ଲିମିଟେଡ୍ ର ଜମିବିକାଶ ନିମନ୍ତେ ୨.୩ ନିୟୁତ ଘନ ମିଟର ଡ୍ରେଜିଙ୍ଗ୍ ମେଟେରିଆଲ ଉପଯୋଗ କରାଯିବ ଓ ଏଥିପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି । ୨୦୨୫ ସୁଦ୍ଧା ଏକ ବର୍ଷାଜଳ ଅମଳ ପ୍ରକଳ୍ପ କର୍ଯ୍ୟକାରୀ କରାଯିବ । ସହରରେ ୧୯୯୯ ମହାବାତ୍ୟା ପରଠାରୁ ୭ଲକ୍ଷ ବୃକ୍ଷ ରୋପଣ କରାଯାଇଛି ଏବଂ ୨୦୨୫ ସୁଦ୍ଧା ଆଉ ୧୦ ଲକ୍ଷ ବୃକ୍ଷ ରୋପଣ ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବନ୍ଦର ଅଧକ୍ଷ ଶ୍ରୀ ହରନାଦ କହିଛନ୍ତି । ତେବେ ଆଜିର ଏହି ସମୀକ୍ଷା ବୈଠକରେ ଉଭୟ ବନ୍ଦର ଅଧକ୍ଷ ଓ ଉପାଧକ୍ଷ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଏକ ରୋଡ ମ୍ୟାପ ଉପସ୍ଥାପନ କରିଥିଲେ ଯାହାଦ୍ୱାରା କି ପାରାଦୀପ ବନ୍ଦର ଏକ ସୁରକ୍ଷିତ, ସ୍ଥାୟୀ ଓ ସବୁଜ ବିଶ୍ୱସ୍ତରୀୟ ବନ୍ଦର ହୋଇପାରି ବୋଲି ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

## ପଞ୍ଚାୟତ ନିର୍ବାଚନରେ ବିଧାୟକଙ୍କ ସ୍ତ୍ରୀ, ମନ୍ତ୍ରୀଙ୍କ ଭାଇ ବୋହୂ ଓ ସନ୍ତୁ





ବାରିପଦା,(୨୯।୧(ପି.ଏନ) : ପଞ୍ଚାୟତ ନିର୍ବାଚନରେ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ବିଧାୟକଙ୍କ ସ୍ତ୍ରୀ, ମନ୍ତ୍ରୀଙ୍କ ଭାଇ ବୋହୂ ଓ ସନ୍ତୁ ଏବଂ ପୂର୍ବତନ ବିଧାୟକଙ୍କ ଝିଆରୀ। ଏପରି ଅନେକ ରାଜନେତାଙ୍କ ସମ୍ପର୍କୀୟଙ୍କୁ ଏଥର ମୈଦାନରେ ଦେଖିବାକୁ ମିଳିଛି। ସେମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଆଉ ନିଜ ସପକ୍ଷରେ ମତଦାନ ନେବା ପାଇଁ ଭରପୂର ଉଦ୍ୟମ କରୁଛନ୍ତି। ଏପରି ଫ୍ୟାମିଲି ପଲିଟିକ୍ସର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ। ସାରସକଣା ନିର୍ବାଚନମଣ୍ଡଳୀର ବିଧାୟକ ହେଉଛନ୍ତି ବୁଢ଼ାନ ମୁର୍ମୁ। ତାଙ୍କ ପତ୍ନୀ ହେଉଛନ୍ତି ଚମ୍ପା ଟୁଡୁ। ସେ କୁଳିଅଣା ବ୍ଲକର ୯ ନମ୍ବର ଜୋନରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଧାୟକଙ୍କ ଧର୍ମପତ୍ନୀ ଜିଲ୍ଲା ପରିଷଦ ସଭ୍ୟ ଭାବେ ଛିଡା ହୋଇଥିବାରୁ ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି ।ଚମ୍ପା ହେଉଛନ୍ତି କୁଳିଅଣା ମାରଙ୍ଗତାଣ୍ଡି ଗାଁର ଝିଅ। ସେ ସ୍ଥାନୀୟ ଅଞ୍ଚଳରେ ମିସି ଦିଦି ଭାବେ ବେଶ ପରିଚିତ। ବାରିପଦାର ବାଇଗଣବାଡ଼ିଆ ସ୍ଥିତ ବାବାବଳିଆ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ପାସ୍ କରିବା ପରେ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଯୁକ୍ତ ତିନିରେ ଅଧ୍ୟୟନ କରୁଥିଲେ। ସେହି ସମୟରେ ସେ ବିଧାୟକ ଡାକ୍ତର ବୁଢ଼ାନ ମୁର୍ମୁଙ୍କୁ ବିବାହ କରିଥିଲେ। ମିସି ଦିଦି ୧୦ ବର୍ଷରୁ ଅଧିକ ସମୟ ଧରି ଜନସେବାରେ ନିୟୋଜିତ ଅଛନ୍ତି। ନିର୍ବାଚନ ପ୍ରତିଦ୍ୱନ୍ଦିତା କରିବାକୁ ନେଇ ଚମ୍ପା ଟୁଡୁ କହିଛନ୍ତି, ମୋତେ ମୋ' ଜନ୍ମ ମାଟିର ଲୋକେ ଚାହିଁଲେ। ସେଥିପାଇଁ ସ୍ୱାମୀଙ୍କ ରାଜନୈତିକ କ୍ଷେତ୍ରକୁ ଛାଡି ନିଜ ଜନ୍ମ ମାଟିରେ ଲୋକଙ୍କ ସେବା କରିବାକୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଛି ବୋଲି ଚମ୍ପା ଟୁଡୁ କହିଛନ୍ତି ।ଚମ୍ପା ଟୁଡୁଙ୍କ ପରି ବଡ଼ସାହି ନିର୍ବାଚନମଣ୍ଡଳୀ ୨୩ ନଂ ଜୋନରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାୟକଙ୍କ ସ୍ତ୍ରୀ ସୁବାସିନୀ ନାୟକ ମୈଦାନକୁ ଓହ୍ଲାଇଛନ୍ତି। ୨୦୦୪ ନିର୍ବାଚନରେ ଗୋଳକ ଭାଜପା ଓ ବିଜେଡି ମେଣ୍ଟ ସରକାରରେ ମନ୍ତ୍ରୀ ହୋଇଥିଲେ। ଏବେ ସେ ଅସୁସ୍ଥ ଅଛନ୍ତି। ସ୍ୱାମୀଙ୍କ ଅସୁସ୍ଥାତା ଯୋଗୁ ପତ୍ନୀ ସୁବାସୀନି ଶିକ୍ଷକତାରୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଛନ୍ତି। ନିଜର ସମର୍ଥକ ଓ କର୍ମୀଙ୍କୁ ଧରି ଘରକୁ ଘର ବୁଲି ପ୍ରଚାର କରୁଛନ୍ତି ।ସୁବାସିନୀ ନାୟକଙ୍କ ପରି ପୂର୍ବତନ ବିଜେଡି ବିଧାୟକ ସାଇବା ସୁସିଲ ହାଁସଦାଙ୍କ ଝିଆରୀ ସୂର୍ଯ୍ୟମଣି ହାଁସଦା ବହଳଦା ୨୬ ନଂ ଜିଲ୍ଲାପରିଷଦ ଜୋନ୍‌ରୁ ପ୍ରାର୍ଥୀ ହୋଇଛନ୍ତି। ସାଇବା ନିଜେ ଝିଆରୀକୁ ଧରି ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ସ୍ଥାନୀୟ ସମସ୍ୟାକୁ ମୁଖ୍ୟ ମୁଦ୍ଦା କରିଛନ୍ତି। ଆଶା କରିଛନ୍ତି ବିଜୟୀ ହୋଇ ଲୋକଙ୍କ ପାଇଁ ସେବା କରିବେ। ବାଙ୍ଗିରିପୋଷୀ ନିର୍ବାଚନମଣ୍ଡଳୀର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସାନ ଭାଇଙ୍କ ବୋହୂ ଗୀତାଞ୍ଜଳି ହେମ୍ବ୍ରମ ନିର୍ବାଚନ ରଣାଙ୍ଗନାକୁ ଓହ୍ଲାଇଛନ୍ତି। ସେ ସୁଦାମ ମାରାଣ୍ଡିଙ୍କ ଗାଁ ଭୂଆଶୁଣି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।ସୁଦାମ ମାରାଣ୍ଡିଙ୍କ ସାନ ଭାଇଙ୍କ ବୋହୂ ପରି ଷଡୁ ବିଶ୍ୱନାଥ ହେମ୍ବ୍ରମ ମଧ୍ୟ ଚଳିତ ନିର୍ବାଚନରେ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେ ବଡସାହି ନିର୍ବାଚନମଣ୍ଡଳୀର ୩୫ ନମ୍ବର ଜୋନ୍‌ରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଲଢୁଛନ୍ତି। ଗତ ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ସେଥିପାଇଁ ଏଥର ମୈଦାନକୁ ଓହ୍ଲାଇଛନ୍ତି।

## ଜାମତରା ଗ୍ୟାଙ୍ଗର ୩ ଲୁଟେରା ରାଜଧାନୀରୁ ଗିରଫ

ଭୁବନେଶ୍ୱର, ୨୯।୧(ପି.ଏନ): କୁଖ୍ୟାତ ଜାମତରା ଗ୍ୟାଙ୍ଗର ୩ ସଦସ୍ୟ ଭୁବନେଶ୍ୱରରୁ ବନ୍ଧା ହୋଇଛନ୍ତି। ଝାଡ଼ଖଣ୍ଡରୁ ଅପରେଟ କରି ସମଗ୍ର ଦେଶର ବିଭିନ୍ନ ଅଂଚଳର ଲୋକଙ୍କ ଆକାଉଂଟ ଖାଲି କରୁଥିବା ଏହି ଗ୍ୟାଙ୍ଗର ୩ ଲୁଟେରା କ୍ରାଇମବ୍ରାଂଚ ସାଇବର ଟିମ୍ ହାତରେ ଧରାପଡ଼ିଛନ୍ତି । ଝାଡଖଣ୍ଡର ଦୁଇ ଅଭିଯୁକ୍ତ ହେଉଛନ୍ତି ପ୍ରଧୁମ ମଣ୍ଡଳ ଓ କ୍ରିଷ୍ଟ କୁମାର ମଣ୍ଡଳ । ଅନ୍ୟ ଜଣେ ଅଭିଯୁକ୍ତ ହେଉଛନ୍ତି ଧାନବାଦର ଚେତଲାଲ ମଣ୍ଡଳ ।ସେମାନଙ୍କ ଠାରୁ ଲାପଟପ୍ , ମୋବାଇଲ୍ ଓ ଏଟିଏମ୍ କାର୍ଡ ଜବତ ହୋଇଛି। ଭୁବନେଶ୍ୱରରେ ରହିଛି ଜାମତରା ଗ୍ୟାଙ୍ଗର ବଡ଼ ନେଟୱର୍କ । ଏହି ଗ୍ୟାଙ୍ଗର କିଛି ସଦସ୍ୟ ପୂର୍ବରୁ ପଶ୍ଚିମ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ ହୋଇଥିଲେ। ଏହି ଟିମ୍ ରାଜଧାନୀରେ ଏକ ବଡ଼ ଧରଣର ଲୁଟ୍ କରିବାକୁ ଯୋଜନା କରିଥିଲେ। ସୂଚନାଯୋଗ୍ୟ, ଜାମତରା ଗ୍ୟାଙ୍ଗ ଝାଡ଼ଖଣ୍ଡର ହୋଇଥିବା ବେଳେ ସେଠାରୁ ପୂରା ଦେଶରେ ନିଜ ଜାଲ ବିଛାଇଛନ୍ତି। ଏପରିକି ସେମାନେ ସାଇବର ଏକ୍ସପର୍ଟଙ୍କ ସମେତ ବହୁ ଶିକ୍ଷିତ ଲୋକଙ୍କୁ ଏଥିରେ ସମ୍ପୃକ୍ତ କରି ଲୁଟ୍ ରେ ବ୍ୟବହାର କରୁଥିବା ଜଣାଯାଇଛି। ଏପରିକି ଆଖି ପିଛୁଳାକେ ୟୁପିଆଇ ଫ୍ରଡ, କ୍ରେଡିଟ କାଡ ଫ୍ରଡ କରି ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା। ସେମାନେ ରାଜଧାନୀକୁ କେବେଠୁ ଆସିଥିଲେ, କ'ଣ ଯୋଜନା କରିଥିଲେ , କାହାକୁ ସାମିଲ କରିଥିଲେ, ନୂଆ ନିଯୁକ୍ତି କରିବାକୁ ଆସିଥିଲେ କି ଆଦି ଉପରେ ତନାଘନା ଚଳାଇଛି ସାଇବର ଟିମ୍।

### ଘୋଷଣା

ବିଶେଷ କାରଣବଶତଃ ଆଜିର 'ସାହିତ୍ୟ ଦର୍ପଣ' ପୃଷ୍ଠା ପ୍ରକାଶ ପାଉନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନା ତାଲିମ, ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରଙ୍କ ଅଂଶଗ୍ରହଣ




ବାଲେଶ୍ୱର (ପିଏନ୍)- ଜିଲ୍ଲାରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ର ସୁପରିଚାଳନା ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ଏହି ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଉପସ୍ଥିତ ରହି ସେମାନଙ୍କୁ ପଂଚାୟତ ନିର୍ବାଚନର ସମସ୍ତ ପର୍ଯ୍ୟାୟ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ସହିତ ଏହାକୁ ଗୁରୁତ୍ୱ ସହକାରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ ସେକ୍ଟର ଅଧିକାରୀ, ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ଦାୟିତ୍ୱ, ଭୋଟ୍ ଗ୍ରହଣ ପ୍ରକ୍ରିୟା, ଭୋଟବାକ୍ସର ସଠିକ୍ ବ୍ୟବହାର ଉପରେ ଆଲୋକପାତ କରିଥିଲେ । କୋଭିଡ୍-୧୯ ନିୟମାବଳୀର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା ଓ ଭୋଟଗ୍ରହଣ କିଭଳି ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଭଲ ଭାବେ ବୁଝାଯାଇଥିଲା । ସେହିଭଳି ଭୋଟ୍ ଗ୍ରହଣ ପୂର୍ବରୁ କରାଯିବାକୁ ଥିବା ପ୍ରସ୍ତୁତି, ପୋଲିଂ ଏଜେଂଟଙ୍କ ଉପସ୍ଥିତିରେ ଭୋଟବାକ୍ସ ଓ ବାଲଟ୍ ପେପରକୁ କିଭଳି ଠିକ ଢଙ୍ଗରେ ପ୍ରସ୍ତୁତ କରାଯିବ, ଭିନ୍ନ ଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ରହିଥିବା ଭିନ୍ନ ଭିନ୍ନ ରଙ୍ଗର ବାଲଟ୍ ପେପର, ଭୋଟଗ୍ରହଣ ଦିନ ଭୋଟରମାନେ କୋଭିଡ ନିୟମ ପାଳନ ପୂର୍ବକ କିଭଳି ଧାଡିରେ ଛିଡା ହୋଇ ସହଜରେ ଭୋଟଦାନ କରିପାରିବେ, ଦିବ୍ୟାଙ୍ଗ ଓ କୋଭିଡ୍ ଆକ୍ରାନ୍ତମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା, ଭୋଟଗ୍ରହଣ ଶେଷ ପରେ ଭୋଟବାକ୍ସକୁ କିଭଳି ସିଲ କରାଯିବ ଡେମୋ ମାଧ୍ୟମରେ ତାହା ଅଧିକାରୀମାନଙ୍କୁ ଦେଖାଯାଇଥିଲା । ଭୋଟଦାନ ବୁଥରେ ବିଜୁଳି, ପାଣି, ଶୌଚାଳୟର ଉପଯୁକ୍ତ ବ୍ୟବସ୍ଥା, ପୋଲିଂ ପାର୍ଟି ସଦସ୍ୟଙ୍କ ଦାୟିତ୍ୱ, ପୋଲିଂ ବୁଥରେ ଆଇନଶୃଙ୍ଖଳା ରକ୍ଷା, ଭୋଟଗ୍ରହଣ ସମୟ, ଭୋଟରଙ୍କୁ ସଠିକ୍ ଭାବେ ଚିହ୍ନଟ, ଭୋଟଦାନ କିଭଳି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ଏବଂ ଭୋଟବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ ଠାରୁ ଆରମ୍ଭ କରି ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଏହି ତାଲିମ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ସୋର ତହସିଲଦାର ଶ୍ରୀ ସୁଶାନ୍ତ କୁମାର ବାରିକ୍, ସୋର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାକେଶ କୁମାର ପଣ୍ଡା, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ରବି ଚନ୍ଦ୍ର କହଁର ପ୍ରମୁଖ ଏଥିରେ ଯୋଗ ଦେଇ ତାଲିମ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ । ତିନିଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିବ । ଏହି ତାଲିମ ଶିବିରରେ ପ୍ରଶିକ୍ଷଣ ଲାଭ କରିଥିବା ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକସ୍ତରରେ ମାଷ୍ଟର ଟ୍ରେନର, ସେକ୍ଟର ଅଫିସର ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ପ୍ରଦାନ କରିବେ । ପଂଚାୟତ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯେପରି ନିଜ ନିଜ ଦାୟିତ୍ୱ ସମ୍ପର୍କରେ ସଠିକ୍ ପ୍ରଶିକ୍ଷଣ ଲାଭ କରିପାରିବେ ଏବଂ ସଚେତନ ହୋଇପାରିବେ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଢିଙ୍କିଆ ଅଞ୍ଚଳର ପରିସ୍ଥିତି ଅତି ଉଦ୍‌ବେଗଜନକ, ସାଧାରଣ ଲୋକଙ୍କ ଅବସ୍ଥା ଶୋଚନୀୟ

ଭୁବନେଶ୍ୱର (ପିଏନ୍): ଢିଙ୍କିଆ ଅଞ୍ଚଳର ପରିସ୍ଥିତି ଖୁବ୍ ଉଦ୍‌ବେଗଜନକ ଏବଂ ସାଧାରଣ ଜନତାଙ୍କ ପରିସ୍ଥିତି ଅତି ଶୋଚନୀୟ ହୋଇପଡିଛି । ଗାଁର ଶହ ଶହ ପରିବାରର ପୁରୁଷମାନେ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି କିମ୍ବା କେଉଁଠି ଜୀବନ ବଞ୍ଚାଇବା ପାଇଁ ଆଶ୍ରୟ ନେଇଛନ୍ତି । ପୁଲିସର ଆତଙ୍କରାଜ, ଦୌରାତ୍ମ୍ୟ ଏବଂ ଅତ୍ୟାଚାର ମଧ୍ୟରେ ଲୋକେ ଅତିଷ୍ଠ ହୋଇପଡିଲେଣି । ଲୋକଙ୍କ ସ୍ୱାଭାବିକ ଜୀବନ, ଜୀବିକା ଏବଂ ରୋଜଗାର ଇତ୍ୟାଦି ସବୁକିଛି ବିପନ୍ନ ହୋଇପଡିଛି । ସ୍ୱାସ୍ଥ୍ୟ ଜନିତ ସଙ୍କଟ ଉପୁଜିଲେ ଚିକିତ୍ସା ପାଇଁ ସାଧାରଣ ଲୋକେ ହସ୍‌ପିଟାଲ ଯାଇ ପାରୁନାହାଁନ୍ତି । ପୋଲିସ୍‌ର ଅତ୍ୟାଚାର ସୀମା ଲଂଘନ କରିଛି । ଶହ ଶହ ଲୋକଙ୍କ ଉପରେ ମିଥ୍ୟା ମକଦ୍ଦମା କରାଯାଇଛି । ଆନ୍ଦୋଳନର ନେତୃତ୍ୱ ନେଉଥିବା ଦେବେନ୍ଦ୍ର ସ୍ୱାଇଁଙ୍କ ପରିବାରର ୫ ଜଣଙ୍କୁ ଗିରଫ କରାଯାଇଛି । ଶିଶୁ, ମହିଳା, ବୃଦ୍ଧ, ବୃଦ୍ଧାମାନଙ୍କର ଚିତ୍କାର ଏବଂ କରୁଣ କ୍ରନ୍ଦନର ଦୃଶ୍ୟ ତଥା ଲୋମହର୍ଷଣକାରୀ ଘଟଣାବଳୀର ପ୍ରତ୍ୟକ୍ଷ ବର୍ଣ୍ଣନା ଶୁଣି ୧୩ ଦଳର ନେତୃବୃନ୍ଦ ସ୍ତମ୍ଭିଭୂତ ହୋଇପଡିଛନ୍ତି । ଢିଙ୍କିଆରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରକୁ ହତ୍ୟା କରାଯାଇ ଏକ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି । ପୋଲିସ୍ ଜବରଦସ୍ତ ସମ୍ମତି ଆଦାୟ କରି ପାନବରଜ ଭାଙ୍ଗୁଛି କିମ୍ବା ପରିବାରର ସଦସ୍ୟମାନଙ୍କୁ ପୋଲିସ୍ କ୍ୟାମ୍ପକୁ ଡକାଇ ସମ୍ମତି ବିରୋଧରେ ଦସ୍ତଖତ ନେଇ ବରଜ ଭାଙ୍ଗୁଛନ୍ତି । ଏକ ନିରନ୍ତର କୃଷି ଅର୍ଥନୀତିକୁ ଧ୍ୱଂସ କରି ରାଜ୍ୟ ସରକାର ଜିନ୍ଦଲ ଭଳି କର୍ପୋରେଟ୍‌ର ସ୍ୱାର୍ଥ ପାଇଁ ଲୋକଙ୍କ ଉପରେ ଏଭଳି ଦମନ କାହିଁକି ଚଳାଉଛନ୍ତି ବୋଲି ମିଳିତ ବିରୋଧୀ ଦଳର ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି । ଲୋକଙ୍କ ଭିତରେ ଆସ୍ଥା, ବିଶ୍ୱାସ, ଭରସା ଏବଂ ସାହସ ଜୁଟାଇବା ପାଇଁ ଢିଙ୍କିଆ ଗାଁ ଦାଣ୍ଡରେ ଶାନ୍ତି ପଟୁଆର ଓ ସଭା ସଂଗଠିତ ହୋଇଛି । ୧୩ ଦଳର ନେତୃବୃନ୍ଦ ଜଗତ୍‌ସିଂହପୁର ଏସ୍.ପି.ଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରିଛନ୍ତି । ଅତିଶୀଘ୍ର ପରିସ୍ଥିତିରେ ସୁଧାର ନ ଆସିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମିଳିତ ବିରୋଧୀ ଦଳର ନେତୃବୃନ୍ଦ ଢିଙ୍କିଆ ଅଞ୍ଚଳ ଗସ୍ତ କରି ଫେରିଲା ପରେ ଘୋଷଣା କରିଛନ୍ତି । ଢିଙ୍କିଆ ଅଞ୍ଚଳରୁ ତୁରନ୍ତ ପୋଲିସ୍ ବଳ ହଟାଇବା, ଲୋକଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା, ଆନ୍ଦୋଳନକାରୀମାନଙ୍କ ଉପରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ଗିରଫ ହୋଇ ଜେଲରେ ଥିବା ସମସ୍ତଙ୍କୁ ତୁରନ୍ତ ଖଲାସ କରିବା, ୧୪ ଜାନୁଆରୀରେ ହୋଇଥିବା ପୁଲିସ୍‌ର ଅମାନୁଷିକ ଲାଠିଚାଳନା ଏବଂ ଅତ୍ୟାଚାରର ତଦନ୍ତ ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ଏସ୍.ଆଇ.ଟି. ଦ୍ୱାରା କରିବା, ଢିଙ୍କିଆ ପ୍ରସଙ୍ଗରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଇତ୍ୟାଦି ଦାବିଗୁଡିକୁ ନେଇ ପ୍ରତିବାଦ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଛି । ଏହିସବୁ ଦାବିଗୁଡିକୁ ସରକାର କର୍ଣ୍ଣପାତ ନକଲେ ମିଳିତ ବିରୋଧୀ ଦଳ ଗଣତାନ୍ତ୍ରିକ ଆନ୍ଦୋଳନ ସହିତ ଜାତୀୟ ମାନବିକ ଅଧିକାର କମିଶନ ଏବଂ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେବ ବୋଲି କୁହାଯାଇଛି । ବିରୋଧୀ ଦଳମାନଙ୍କର ଏହି ତଥ୍ୟ ଅନୁସନ୍ଧାନକାରୀ ପ୍ରତିନିଧି ଦଳରେ କଂଗ୍ରେସ ଦଳର ବରିଷ୍ଠ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମୁଖପାତ୍ର ଅମିୟ ପାଣ୍ଡବ, ସି.ପି.ଆଇ.ର ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ, ସି.ପି.ଆଇ.(ଏମ୍)ର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ୍‌ର ରାଜ୍ୟ ନେତା ମହେନ୍ଦ୍ର ପରିଡା, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ସି.ପି.ଆଇ.(ଏମ୍-ଏଲ୍) ରେଡ୍‌ଷ୍ଟାର୍‌ର ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ସି.ପି.ଆଇ.(ଏମ୍-ଏଲ୍) ନ୍ୟୁ ଡେମୋକ୍ରେସିର ରାଜ୍ୟ ନେତା ପ୍ରତାପ ପ୍ରଧାନ, ସି.ପି.ଆଇ.(ଏମ୍-ଏଲ୍)ର ରାଜ୍ୟ ନେତା ଶ୍ରୀକାନ୍ତ ମହାନ୍ତି, ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଆର୍.ପି.ଆଇ.ର ରାଜ୍ୟ ସଭାପତି ଶେଖ୍ ଅବଦୁଲ୍ ୱାଲି ଏବଂ ଏନ୍.ସି.ପି.ର ରାଜ୍ୟ ନେତା ବିକ୍ରମ ସ୍ୱାଇଁଙ୍କ ସମେତ ସି.ପି.ଆଇ.ର ଜିଲ୍ଲା ନେତା ଶଶିଭୂଷଣ ସ୍ୱାଇଁ, ସି.ପି.ଆଇ.(ଏମ୍)ର ଜିଲ୍ଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ସୁଜାତା ସାହାଣୀ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ ।

# ପଲସ ପୋଲିଓ ଅଭିଯାନ ସମୟ ସୂଚୀରେ ପରିବର୍ତ୍ତନ

ବାଲେଶ୍ୱର (ପିଏନ୍)-ଜାନୁଆରୀ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ପଲସ ପୋଲିଓ ଅଭିଯାନର ସମୟ ସୂଚୀରେ ପରିବର୍ତ୍ତନ ହୋଇଛି । ପୂର୍ବରୁ ଜାନୁଆରୀ ୨୩, ୨୪ ଓ ୨୫ ତାରିଖରେ ଏହା ଆୟୋଜିତ ହେବାକୁ ଥିବା ବେଳେ ଏବେ ଏଥିରେ ପରିବର୍ତ୍ତନ ହୋଇ ଆସନ୍ତା ଫେବୃଆରୀ ୨୭, ୨୮ ଓ ମାର୍ଚ୍ଚ ୧ ତାରିଖରେ ଏହା କରାଯିବାକୁ ସ୍ଥିରୀକୃତ ହୋଇଛି । ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ରାଜ୍ୟ ଶାଖା ପକ୍ଷରୁ ସମସ୍ତ ଜିଲ୍ଲାକୁ ସୂଚନା ଦିଆଯାଇଛି । ଫେବୃଆରୀ ୨୭ ତାରିଖ ଦିନ ବୁଥସ୍ତରରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁ ଥିବା ବେଳେ ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପୋଲିଓ ବୁନ୍ଦା ପାଇ ନ ଥିବା ଶିଶୁମାନଙ୍କୁ ଏହା ଖୁଆଇବେ । ଜିଲ୍ଲାର ସମସ୍ତ ବ୍ଲକର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ(୦ରୁ ୫ବର୍ଷ) ପୋଲିଓ ବୁନ୍ଦା ଖୁଆଇବା ପାଇଁ ଏଥର ଲକ୍ଷ୍ୟ ରଖାଯାଇଛି । ଏଥିନିମନ୍ତେ ଜିଲ୍ଲାର ବିଭିନ୍ନ ଅଂଚଳରେ ବୁଥ ସ୍ଥାପନ ସହିତ ସ୍ୱାସ୍ଥ୍ୟକର୍ମୀ (ଏଏନଏମ, ଅଙ୍ଗନୱାଡି ଓ ଆଶାକର୍ମୀ) ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବ । ପଲସ ପୋଲିଓ ଅଭିଯାନରେ ନିୟୋଜିତ ହେବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀମାନେ କୋଭିଡ୍-୧୯ବୁଷ୍ଟର ଡୋଜ୍ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଆଶଙ୍କା ନ ରଖି ପିତାମାତା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଗାନ୍ଧିଜୀଙ୍କ ପ୍ରଭାବ



ସତ୍ୟ ଓ ଅହିଂସାର ସମ୍ମିଶ୍ରଣରେ ଗାନ୍ଧିଜୀ ସୃଷ୍ଟି କରିଥିଲେ ସତ୍ୟାଗ୍ରହ । ସେ ବାରମ୍ବାର କହୁଥିଲେ ଯେ ଅହିଂସା ହେଉଛି ପର୍ବତ ଭଳି ଯୁଗ ଯୁଗର ପୁରୁଣା । ତେବେ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରକୁ ଭାରତ ମାଟିରୁ ବିଦାୟ କରିବା ପାଇଁ ଗାନ୍ଧିଜୀ ପ୍ରୟୋଗ କରିଥିଲେ ସତ୍ୟାଗ୍ରହ ଦର୍ଶନ । ତାଂକ ମତରେ ସତ୍ୟ ଓ ଅହିଂସାକୁ ବ୍ୟକ୍ତି ଜୀବନ ଠାରୁ ଆରମ୍ଭ ରାଷ୍ଟ୍ର ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସଫଳ ପ୍ରୟୋଗ କରାଯାଇପାରିଲେ ଦୁର୍ନୀତି ଭ୍ରଷ୍ଟାଚାର ଠାରୁ ଆରମ୍ଭକରି ହିଂସା, ଦ୍ୱେଷ, ପରଶ୍ରୀକାତରତା, ଦାରିଦ୍ର୍ୟ, ଅନଗ୍ରସରତା ଆଦି ଦୂର ହୋଇପାରିବ । ତାଙ୍କର ପୁଣି ସ୍ୱପ୍ନଥିଲା ଭାଷା ଓ ନିଶା । ସ୍ୱାଧୀନ ଭାରତରେ ପ୍ରତ୍ୟେକ ନିଜ ମାତୃଭାଷାରେ ଶାସନ ଓ ବିଚାରର ଅଧିକାର ପାଇବେ ଏବଂ ସଂପୂର୍ଣ୍ଣ ଭାବେ ନିଶା ନିବାରିତ ହେବ । କିନ୍ତୁ ସ୍ୱାଧୀନୋତ୍ତର ଭାରତବର୍ଷ ଏହାକୁ ପ୍ରତାରଣା କରିଛି । ନିଶାର ବନ୍ୟାରେ ଜନଜୀବନ ଉବୁଟୁବୁ । ଓଡ଼ିଶାର ରାଜସ୍ୱ ବୃଦ୍ଧିପାଇଁ ବିଦେଶୀ ଓ ଖୁଚୁରା ମଦ ଦୋକାନ ସଂଖ୍ୟା ବୃଦ୍ଧିପାଉଛି । ନିଶା ସେବନ ଦ୍ୱାରା ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହେଉଥିବାବେଳେ ଏବଂ ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟ ଭାବେ ଘୋଷିତ ହୋଇଥିବା କେରଳ, ଗୁଜରାଟ ଓ ବିହାର ଆଦି ରାଜ୍ୟର ବିଚାରଧାରାକୁ ସ୍ଥାନ ନଦେଇ ମଦ ଦୋକାନ ବୃଦ୍ଧି ପାଇଁ ପ୍ରସ୍ତାବ ଦେବା ଉଦ୍‌ବେଗ ଜନକ । ଏହା ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରାର ସଂପୂର୍ଣ୍ଣ ପରିପନ୍ଥୀ । ଦେଶକୁ ସ୍ୱାଧିନତା ଆଣିବାରେ ମହାତ୍ମା ଗାନ୍ଧୀଙ୍କ ପ୍ରମୁଖ ଭୂମିକା ଥିଲା । ସେଥିପାଇଁ ତାଙ୍କୁ କୁହାଯାଏ ଜାତିର ପିତା ବା ଫାଦର୍ ଅଫ୍ ନେସନ । ଲୋକମାନେ ଶ୍ରଦ୍ଧାରେ ଡ଼ାକନ୍ତି ବାପୁଜୀ । ତାଙ୍କ ଜନ୍ମ ଦିବସ ଅକ୍ଟୋବର୨କୁ ସାରା ବିଶ୍ୱରେ ଆନ୍ତର୍ଜାତିକ ଅହିଂସା ଦିବସ ରୂପେ ପାଳନ କରାଯାଏ । ଅଧିକାଂଶ ଲୋକଙ୍କ ମନରେ ଗାନ୍ଧିଜୀ ଏପରି ଏକ ନାମ ଯିଏ ଆଜୀବନ ଆନ୍ଦୋଳନରତ ଥିଲେ । ତାଙ୍କର ଅହିଂସା ଆନ୍ଦୋଳନରେ ସମଗ୍ର ବ୍ରିଟିଶ ଇଣ୍ଡିଆ ପ୍ରକମ୍ପିତ ହେଲା । ବ୍ରିଟିଶ ଶାସିତ ଅଂଚଳରେ ଇଂରେଜ ବିରୋଧି ଆନ୍ଦୋଳନ ତୀବ୍ର ଥିବାବେଳେ ଭାରତରେ ଥିବା ୫୬୫ଟି ଗଡ଼ଜାତମାନଙ୍କରେ ପ୍ରଭାବ କମ୍ ଥିଲା । ସେ ରାଜ୍ୟମାନଙ୍କର ରାଜା ମହାରାଜା, ଶାହା ବାଦଶାହା, ନବାବ ମାନଙ୍କର ନିୟନ୍ତ୍ରଣରେ ଶାସନ ଚାଲୁଥିବା ଯୋଗୁଁ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ପ୍ରତିଫଳିତ ହୋଇ ପାରୁନଥିଲା । ଏହାକୁ ଦୃଷ୍ଟିରେ ରଖି ଗଡ଼ଜାତ ମାନଙ୍କରେ ପ୍ରଜା ଜାଗରଣ ସୃଷ୍ଟି କରିବାପାଇଁ ୧୯୩୭ ମସିହା ଜୁନ ମାସ ୨୬ ତାରିଖରେ ସର୍ବଭାରତୀୟ ଷ୍ଟାଣ୍ଡିଂ କମିଟିର ଉଦ୍ୟୋକ୍ତା ଡ. ପଟ୍ଟାଭି ସୀତାରାମାୟା ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଫଳରେ ଓଡ଼ିଶାରେ ଗଡ଼ଜାତମାନଙ୍କରେ ଆନ୍ଦୋଳନ ପାଇଁ ଷ୍ଟେଟସ ପିପୁଲସ କନଫରେନ୍ସ ନାମକ ସଂଗଠନ ସୃଷ୍ଟି କରାଗଲା । ୧୯୩୮ ମସିହାରେ ଢ଼େଙ୍କାନାଳରେ ସାରଙ୍ଗଧର ଦାସ ଓ ଡ. ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ବିଭିନ୍ନ ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳମାନ ଗଠିତ ହେଲା । ଏହି ଗଡ଼ଜାତଗୁଡ଼ିକ ହେଲା ରଣପୁର, ନୀଳଗିରି, ଢ଼େଙ୍କାନାଳ, ତାଳଚେର, ସୋନପୁର, ଆଠଗଡ଼, ନୟାଗଡ଼, ପାଲଲହଡ଼ା, ହିନ୍ଦୋଳ, ଆଠମଲ୍ଲିକ, ବୌଦ୍ଧ, ଖଣ୍ଡପଡ଼ା, ତିଗିରିଆ, ମୟୁରଭଂଜ, କେନ୍ଦୁଝର ଓ ଗାଙ୍ଗପୁର । ପ୍ରତ୍ୟେକ ପ୍ରଜାମଣ୍ଡଳ ନାଗରିକ ଅଧିକାର, ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧନ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ମାଗଣା ରସଦର ଉଚ୍ଛେଦ ପାଇଁ ଦାବି କରିଥିଲେ । ଉପରୋକ୍ତ ଗଡ଼ଜାତମାନଙ୍କ ମଧ୍ୟରେ ରଣପୁର, ନୀଳଗିରି, ଢ଼େଙ୍କାନାଳ, ତାଳଚେର ଓ ଗାଙ୍ଗପୁର ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ରତର ହୋଇଥିଲା । ରଣପୁରରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି, ଦିବାକର ପରିଡ଼ା, ଅଗାଧୁ ବରାଡ଼, ଦୟାନିଧି ପରିଡ଼ା ମହାପାତ୍ର, ମଦନ ମୋହନ ଦାସ, ନାରାୟଣ ଦାସ, ଅନ୍ତର କଳସ, କୃଷ୍ଣଚନ୍ଦ୍ର ରାଉତ, ମୁରଲୀଧର ପଣ୍ଡା, ବାଞ୍ଛାନିଧି ସେନାପତି, ଅଚ୍ୟୁତାନନ୍ଦ ଦାସ, କୁବେର ସ୍ୱାଇଁ, ହଟ ନାୟକ, କାଶୀନାଥ ରାଉତ, ମାଗି ନାୟକ, ବାଙ୍କା ସ୍ୱାଇଁ, ବଂଶୀଧର ଦାସ, ନାଥ କଳସ, ନରସିଂହ ସାହୁ, ତ୍ରିଲୋଚନ ରାଉତରାୟ, ବସିରୁଦ୍ଦିନ ଖାଁ, ବିଶ୍ୱନାଥ ଚିନ୍ନରା ପ୍ରମୁଖ ନେତୃତ୍ୱ ନେଇଥିଲେ । ସେହିପରି ଢ଼େଙ୍କାନାଳରେ ମହେଶ ଚନ୍ଦ୍ର, ସୁବାହୁ ସିଂହ, ବ୍ରଜ କିଶୋର ଧଳ, ବୈଷ୍ଣବ ପଟ୍ଟନାୟକ, ତାଳଚେରରେ ପବିତ୍ର ମୋହନ ପ୍ରଧାନ, ଆଠଗଡ଼ରେ ରାଧାନାଥ ରଥ, ହିନ୍ଦୋଳରେ ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ନୀଳଗିରିରେ କୈଳାସ ଚନ୍ଦ୍ର ମହାନ୍ତି, ନୟାଗଡ଼ରେ ଶ୍ରୀଧର ଦାସ, ଶୁକ୍ର ବେହେରା, ଦଶପଲ୍ଲାରେ ଗୋବିନ୍ଦ ଚନ୍ଦ୍ର ମିଶ୍ର, ବଡ଼ମ୍ବାରେ ପ୍ରତାପଚନ୍ଦ୍ର ପଟ୍ଟନାୟକ, ଗାଙ୍ଗପୁରରେ ନିର୍ମଳ ମୁଣ୍ଡା, ବୌଦ୍ଧରେ ଦାମୋଦର ସଣ୍ଟୁଆସୀ ଓ ମୟୁରଭଂଜରେ ଶରତଚନ୍ଦ୍ର ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ବିଭିନ୍ନ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନ ହୋଇଥିଲେ ମଧ ରଣପୁରରେ ସଂଘଟିତ ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା । ୧୯୩୯ ଜାନୁଆରୀ ୫ ତାରିଖ ଦିନ ଇଷ୍ଟର୍ଣ୍ଣ ଷ୍ଟେଟସ୍‌ର ମୁଖ୍ୟ ପଲିଟିକାଲ ଏଜେଣ୍ଟ ମେଜର ଆର୍.ଏଲ୍ ବେଜଲଗେଟ ରଣପୁର ପ୍ରଜା ଆନ୍ଦୋଳନରୁ ଦମନ କରିବାକୁ ଆସି ପ୍ରଜାଙ୍କ ଠେଙ୍ଗାମାଡ଼ରେ ନିହତ ହେଲା । ଏହା ବ୍ରିଟିଶ ପାର୍ଲାମେଣ୍ଟକୁ ଦୋହଲାଇ ଦେଇଥିଲା । ଏହି ଘଟଣାରେ ୧୦୪ ଜଣଙ୍କୁ ଅଭିଯୁକ୍ତ କରାଇଲା । ସେମାନଙ୍କ ବିରୋଧରେ ମକଦ୍ଦମା ଚାଲିଲା । ହତ୍ୟାକାଣ୍ଡ ସହ ଆଦୌ ସଂପୃକ୍ତ ନଥାଇ ପ୍ରଜା ଆନ୍ଦୋଳନର ସଂଚାଳକ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ୧୯୪୧ ମସିହା ଏପ୍ରିଲ ୪ ତାରିଖ ଦିନ ବିହାରର ଭାଗଲପୁରଠାରେ ଏକ ସାଂଗରେ ଫାଶୀ ଦିଆଗଲା । ଫାଶୀବରଣ କରିଥିବା ଦୁଇ ଶହୀଦ ଯୁବକ ରଘୁ-ଦିବାକର ମହାମାନବ ମହାତ୍ମାଗାନ୍ଧୀଙ୍କ ପ୍ରଭାବରେ କିଭଳି ପ୍ରଭାବିତ ହୋଇଥିଲେ ତାହା ଅଦ୍ୟାବଧି ଲୋକଲୋଚନକୁ ଆସିପାରିନାହିଁ । ସେ ସମ୍ବନ୍ଧରେ କିଞ୍ଚିତ ଆଲୋକପାତ କରୁଛି ।

୧୯୩୮ ମସିହାରେ ମହାତ୍ମାଗାନ୍ଧୀଙ୍କ ମନ୍ତବ୍ୟ ଥିଲା "ଓଡ଼ିଶାର ସେବାହିଁ ଭାରତ ମାତାଙ୍କର ପ୍ରକୃତ ସେବା । ଶେଷରେ ଓଡ଼ିଶା ହୋଇଯାଇଛି ମୋ ପାଇଁ ଏକ ତୀର୍ଥ ଭୂମି ।" ଏହି ତୀର୍ଥଭୂମିକୁ ସେ ମୋଟ୍ ଆଠଥର ଆସିଥିଲେ । ୧୯୨୧ ମସିହାରୁ ୧୯୪୬ ମସିହା ମଧ୍ୟରେ ସେ ଓଡ଼ିଶାରେ ବହୁ ସାମାଜିକ ପରୀକ୍ଷା ନିରୀକ୍ଷା କରିଥିଲେ । ଗାନ୍ଧିଜୀ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ ପ୍ରଥମ ଥର ଓଡ଼ିଶା ଆସିଥିଲେ । କାଠଯୋଡ଼ି ନଦୀକୂଳରେ ଏକ ବିରାଟ ଜନସଭା ଅନୁଷ୍ଠିତ ହୋଇଥିଲା । ଅସହଯୋଗ ଆନ୍ଦୋଳନ ଓ ସାମ୍ପ୍ରଦାୟିକ ଏକତା ଉପରେ ଗୁରୁତ୍ୱ ଦେଇଥିଲେ । ମାର୍ଚ୍ଚ ୨୭ରେ ପୁରୀ ଏବଂ ୨୯ ତାରିଖରେ ବ୍ରହ୍ମପୁର ସଭାରେ ଯୋଗଦେଇଥିଲେ । ସେତେବେଳେ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଥିଲା ଏହି ଖବର: "ଗାନ୍ଧୀ ଏବେ ଭାରତୀୟ ରାଜନୀତି ଆକାଶରେ ଉଜ୍ଜ୍ୱଳତମ ତାରକା । ଓଡ଼ିଶାବାସୀ ଗାନ୍ଧୀଙ୍କର ଅହିଂସା, ଅସହଯୋଗ ପନ୍ଥା ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଜାଗାରେ ଲୋକେ ପ୍ରବଳ ଉତ୍ସାହ ଉନ୍ମାଦନା ସହ ତାଙ୍କୁ ସ୍ୱାଗତ କରୁଛନ୍ତି ।" ଗାନ୍ଧୀଙ୍କ ଦ୍ୱିତୀୟଥର ଓଡ଼ିଶା ଗ୍ରସ୍ତ ଥିଲା ୧୯୨୫ ମସିହା ଅଗଷ୍ଟ ୧୯ ତାରିଖ । ସେ ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ପରିଦର୍ଶନ ସହ ତାଙ୍କ ସତ୍ୟଭାମାପୁରସ୍ଥିତ ବାସଭବନରେ ଅବସ୍ଥାନ କରିଥିଲେ । ଗାନ୍ଧିଜୀଙ୍କ ତୃତୀୟ ଓଡ଼ିଶା ଗ୍ରସ୍ତ ଥିଲା ୧୯୨୭ ମସିହା ଡିସେମ୍ବର ୪ ତାରିଖ । ବ୍ରହ୍ମପୁର , ରମ୍ଭା, ହୁମା, ବାଣପୁର, ରଣପୁର ରାଜ୍ୟର ବେଣ୍ଟ, ବୋଲଗଡ଼, ବାସୁଦେବପୁର, ଭଦ୍ରକ ଓ କଟକ ଆଦି ଗସ୍ତକରି ୪ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଅବସ୍ଥାନ କରିଥିଲେ । ମଝିରେ ଦେହ ଅସୁସ୍ଥ ହେବାରୁ କଟକରେ ମଧୁବାବୁଙ୍କ ଘରେ ବିଶ୍ରାମ ନେଇଥିଲେ । ଖଦୀର ପ୍ରଚାର ପ୍ରସାର ଏହି ଗ୍ରସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଡ଼ିସେମ୍ବର ୮ ତାରିଖ ଦିନ ସେ ବାଣପୁରରୁ ବୋଲଗଡ଼ ଯାଉଥିବାବେଳେ ଚାନ୍ଦପୁର ନିକଟବର୍ତ୍ତୀ ବେଣ୍ଟ ଗ୍ରାମ ଜାତୀୟ ରାଜପଥ ଛକରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଏହା ରଣପୁର ଗଡ଼ଜାତ ପ୍ରଜା ଆନ୍ଦୋଳନକୁ ପ୍ରଭାବିତ କରିଥିଲା । ଗାନ୍ଧୀଙ୍କ ଚତୁର୍ଥ ଗସ୍ତ ଥିଲା ୧୯୨୮ ଡ଼ିସେମ୍ବର ୨୨ ତାରିଖରେ । କଲିକତା ଅଧିବେଶନ ଯିବା ବାଟରେ ଝାରସୁଗୁଡ଼ା ଷ୍ଟେସନରେ ଓହ୍ଲାଇଥିଲେ ଓ ଭାଷଣ ଦେଇଥିଲେ । ଗାନ୍ଧୀଙ୍କ ପଞ୍ଚମ ଗସ୍ତ ଥିଲା ୧୯୩୪ ମଇ ମାସ ପାଞ୍ଚ ତାରିଖ । ସେ ଝାରସୁଗୁଡ଼ାଠାରେ ଓହ୍ଲାଇ ସମ୍ବଲପୁର, ଭଦ୍ରକ, ଭଣ୍ଡାରି ପୋଖରୀ ଆଦି ଗସ୍ତ କରି ୮ ତାରିଖ ଦିନ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହିଠାରୁ ତାଙ୍କର ଆରମ୍ଭ ହୋଇଥିଲା ଅସ୍ପୃଶ୍ୟତା ବିରୋଧରେ ଐତିହାସିକ ପଦଯାତ୍ରା । ଏହାର ଚାରିବର୍ଷ ପରେ ୧୯୩୮ ମାର୍ଚ୍ଚ ୨୫ ତାରିଖରେ ପୁରୀ ଏକ୍ସପ୍ରେସରେ କସ୍ତୁରବାଙ୍କ ସହ ସପ୍ତମ ଥର ପାଇଁ ଗାନ୍ଧୀ ପହଞ୍ଚିଥିଲେ ଓଡ଼ିଶାରେ, ପୁରୀ ନିକଟସ୍ଥ ଡ଼େଲାଙ୍ଗର ବେରବୋଇରେ ଗାନ୍ଧୀ ସେବାସଂଘର ୪ର୍ଥ ଅଧିବେଶନରେ ଯୋଗଦେବାଲାଗି । ଏହି ଅଧିବେଶନରେ ସୀମାନ୍ତ ଗାନ୍ଧୀ ଅବଦୁଲ ଗଫୁର ଖାଁ, ସର୍ଦ୍ଦାର ବଲଭଭାଇ ପଟେଲଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଚାରିହଜାରରୁ ଉର୍ଦ୍ଧ୍ୱ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ । ଗାନ୍ଧିଜୀଙ୍କର ଶେଷଥର ପାଇଁ ଓଡ଼ିଶା ଆସିଥିଲେ ୧୯୪୬ ମସିହା ଜାନୁଆରୀ କୋଡ଼ିଏ ତାରିଖରେ । ଏହା ଥିଲା ତାଂକର ଅଷ୍ଟମ ଗସ୍ତ । ସେତେବେଳେ ବ୍ରହ୍ମପୁର ଓ କଟକର ଦୁଇଟି ସଭାରେ ବାପୁଜୀ ଯୋଗ ଦେଇଥିଲେ ।

ମହାତ୍ମା ଗାନ୍ଧୀ ଆଠଥର ଓଡ଼ିଶା ଆସିଥିଲେ ମଧ୍ୟ ତାଙ୍କର ସପ୍ତମ ଗସ୍ତ ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଥିଲା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ଗଡ଼ଜାତ ପ୍ରଜା ଆନ୍ଦୋଳନକୁ ବିଶେଷକରି ରଣପୁର ପ୍ରଜା ଆନ୍ଦୋଳନରୁ ଅଧିକ ପ୍ରଭାବିତ କରିଥିଲା । ଏଠାରେ ଦ୍ରଷ୍ଟବ୍ୟ ଯେ, ଶହୀଦ୍ ଦିବାକର ପରିଡ଼ାଙ୍କ କନିଷ୍ଠ ଭ୍ରାତା ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପରିଡ଼ା ମିଆଁମାରରେ ଆଜାଦ ହିନ୍ଦ ଫୌଜର ରିକ୍ରୁଟିଂ ଅଫିସର ଥିଲେ ଏବଂ ଏକ ବର୍ଷ ଜେଲ ଯାଇଥିଲେ । ସେ ମୋର ସଂପର୍କୀୟ ବଡ଼ବାପା ହେବେ । ସେ ଜୀବିତ ଥିବାବେଳେ ମୋତେ କହିଥିଲେ ଯେ, ଡ଼େଲାଙ୍ଗ ବେରବୋଇରେ ଗାନ୍ଧିଜୀ ତାଙ୍କ ବଡ଼ଭାଇ ଶହୀଦ ଦିବାକର ପରିଡ଼ା, ଶହୀଦ ରଘୁନାଥ ମହାନ୍ତି ଓ ରଣପୁରର ଅନ୍ୟକର୍ମୀମାନଙ୍କୁ ପ୍ରଭାବିତ କରିଥିଲେ । ରଣପୁର ଗଡ଼ଜାତ ଆନ୍ଦୋଳନର ଗତିକୁ ଏହା କ୍ଷୀପ୍ରତର କରାଇଥିଲା । ସୂଚନାଯୋଗ୍ୟ, ଡେଲାଙ୍ଗ ବେରବୋଇରେ ୧୯୩୮ ମାର୍ଚ୍ଚ ୨୫ ତାରିଖରୁ ୭ଦିନ ଧରି ଅନୁଷ୍ଠିତ ହୋଇଥିଲା ଗାନ୍ଧୀ ସେବାସଂଘର ସର୍ବଭାରତୀୟ ଚତୁର୍ଥ ଅଧିବେଶନ । ଏହା ପୂର୍ବରୁ ନୂଆଦିଲ୍ଲୀ, ଉତ୍ତର ପ୍ରଦେଶର ସାୱ୍ଲୀ ଏବଂ କର୍ଣ୍ଣାଟକର ହୁବୁଲି ଠାରେ ତିନୋଟି ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇସାରିଥିଲା । ମାର୍ଚ୍ଚ ୨୫ ତାରିଖ ଦିନ ସକାଳ ସାତଟା, ଡ଼େଲାଙ୍ଗ ଷ୍ଟେସନର ସାମାନ୍ୟ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଅସ୍ଥାୟୀ ଷ୍ଟେସନର କାଠ ନିର୍ମିତ ସ୍ୱତନ୍ତ୍ର



ପାହାଚ ଦେଇ ଗାନ୍ଧିଜୀ ହାୱଡ଼ା - ପୁରୀ ଏକ୍ସପ୍ରେସ୍ ରେଳଗାଡ଼ିରୁ ସମ୍ମିଳନୀ ମଣ୍ଡପ ନିକଟରେ ବେରବୋଇ ଗାଁ ମଝିରେ ସପରିବାର ଅବତରଣ କରିଥିଲେ । ସାଥିରେ ଥିଲେ ପତ୍ନୀ କସ୍ତୁରବା, ପୁତ୍ର ମଣିଲାଲ ପୁତ୍ରବଧୂ ସୁଶୀଳା ଏବଂ ଶିଶୁ ପୌତ୍ର ଅରୁଣ । ଗାନ୍ଧିଜୀ ଯେଉଁ ସ୍ଥାନରେ ରେଳଗାଡ଼ିରୁ ଅବତରଣ କରିଥିଲେ, ଠିକ୍ ସେହି ସ୍ଥାନରେ ସ୍ମୃତି ଚିହ୍ନ ହୋଇ ବେରବୋଇ ଗାଁ ମଝିରେ ଗୋଟିଏ ଲେଭଲକ୍ରସିଂ ଗେଟ ଘର ରହିଛି । ଡ଼େଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ଗାଡ଼ି ରହିବାର ବ୍ୟବସ୍ଥା ନଥିବାବେଳେ ଇଂରେଜ ଶାସନାଧୀନ ବେଙ୍ଗଲନାଗପୁର ରେଳବାଇ (ବି.ଏନ୍.ଆର୍) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲା । ଗାନ୍ଧିଜୀଙ୍କ ସହ ଯେଉଁମାନେ ଅଧିବେଶନରେ ଯୋଗଦେବାକୁ ଆସିଥିଲେ ସେମାନେ ପ୍ରତ୍ୟେକ ଥିଲେ ଜଣେ ଜଣେ ଜାତୀୟବାଦୀ, ଦେଶପ୍ରେମୀ, ସଂଗ୍ରାମୀ ଏବଂ ଗାନ୍ଧିବାଦର ସମର୍ଥକ । ସମଭାବରେ ସେମାନଙ୍କୁ ଦେଖିବାପାଇଁ ଏବଂ ସେମାନଙ୍କ କଥା ଶୁଣିବା ପାଇଁ ଲୋକମାନଙ୍କର ଉତ୍କଣ୍ଠା ଥିଲା । କାରଣ ଖବରକାଗଜରୁ ସେମାନଙ୍କ ଦେଶପ୍ରେମ ଖବର ସିନା ଲୋକେ ଜାଣୁଥିଲେ, ହେଲେ ସେମାନଙ୍କୁ ଦେଖିବାର ସୁଯୋଗ ନଥିଲା । ଗାନ୍ଧୀଙ୍କ ସହ ଥିଲେ କସ୍ତୁରବା ଗାନ୍ଧୀ, ପୁଅ ମଣିଲାଲ, ବୋହୂ ସୁଶୀଳା, ନାତି ଅରୁଣ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ମୌଲାନା ଆବୁଲ କାଲାମ ଆଜାଦ୍, ଆଚାର୍ଯ୍ୟ କୃପାଳିନୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜମନାଲାଲ ବଜାଜ, ଡକ୍ଟର ପ୍ରଫୁଲ୍ଲ ଘୋଷ, ମହାଦେବ ଦେଶାଇ, ଦୁର୍ଗା ବେନ୍, ଠକ୍କର ବାପା ପ୍ରମୁଖ ବହୁ ଖ୍ୟାତନାମା ବ୍ୟକ୍ତି । ଶିବିର ପରିଚାଳନା କରିବା ପାଇଁ ଥିଲେ ୧୧୮ ଜଣ ସେବକ ୩୦ ଜଣ ସହଯୋଗୀ, ୯ ଜଣ ସହାୟକ ଓ ୩ ଜଣ କର୍ମଚାରୀ । ଏହି ସାତଦିନିଆ ଶିବିରରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଚାରିହଜାର ଶିବିରାର୍ଥୀ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରୁ ରଣପୁର ଅଂଚଳରୁ ଦିବାକର ପରିଡ଼ା, ରଘୁନାଥ ମହାନ୍ତି, ଅଗାଧୁ ବରାଡ଼, ମଦନମୋହନ ଦାଶ, ବନମାଳୀ ରାମ, ଅଚ୍ୟୁତରାମ, ମୁରଲୀଧର ଦାସ, ବୁରିଦ୍ଦିନ ଖାଁ, ଦୟାନିଧି ପରିଡ଼ା ପ୍ରମୁଖ ଅନେକ ବ୍ୟକ୍ତି ଥିଲେ । ଏହି ଶିବିରରେ ଯୋଗଦେଇଥିବା ଓଡ଼ିଶାର ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଗୋପବଂଧୁ ଚୌଧୁରୀ, ରମାଦେବୀ, ପଣ୍ଡିତ କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର ଦାସ, ବିନୋଦ କାନୁନଗୋ, ଅନ୍ନପୂର୍ଣ୍ଣା ମହାରଣା, ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାଶ, ନିଗମାନନ୍ଦ କାନୁନଗୋ, ମନମୋହନ ଚୌଧୁରୀ ପ୍ରମୁଖ । ଏହି ଅଧିବେଶନରେ ପଡ଼ୋଶୀ ଗଡ଼ଜାତ ନୟାଗଡ଼ର ଶ୍ରୀଧର ଦାଶ, ଶୁକ୍ରୁ ବେହେରା, ବାଂଛାନିଧି ସେନାପତି, ଲକ୍ଷ୍ମଣ ମହାରଣା ମଧ୍ୟ ଯୋଗଦେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୫ ତାରିଖ ମଧ୍ୟାହ୍ନରେ ସଂଘର ସଭାପତି କିଶୋରଲାଲ ମସ୍ତ୍ରୱାଲାଙ୍କ ସଭାପତିତ୍ୱରେ ପ୍ରତିନିଧି ସଭା ଆୟୋଜିତ ହୋଇଥିଲା । ଅପରାହ୍ଣରେ ଉତ୍କଣ୍ଠିତ ବିଶାଳ ଜନତାଙ୍କ ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ହିନ୍ଦୀ ଭାଷାରେ ତାଙ୍କ ଭାଷଣ ଉପସ୍ଥାପିତ କଲାବେଳେ ଦଶହଜାରରୁ ଉର୍ଦ୍ଧ୍ୱ ଜନତା ଅପଲକ ଦୃଷ୍ଟିରେ ବିହ୍ୱଳ ହୋଇ ଗାନ୍ଧିଜୀଙ୍କ ମୁହଁକୁ ଚାହିଁ ରହିଥିଲେ । ମନ୍ତ୍ରମୁଗ୍ଧ ଜନତା ନିଜକୁ ବିଶ୍ୱାସ କରିପାରୁ ନ ଥିଲେ । "ଇଏ କ'ଣ ସେଇ ଗାନ୍ଧୀ, ଯିଏ ଇଂରେଜ ସରକାର ହାତରୁ ଦେଶକୁ ମୁକ୍ତ କରିବା ପାଇଁ ଅବତାର ପୁରୁଷ ଭାବରେ ଜନ୍ମଲାଭ କରିଛନ୍ତି ।" ମାଳିକାରେ ଅଛି- "ଆସିବେ ମୋହନ ମୁରଲି, ପୃଥିବୀକୁ ହୋଇବେଟି ସଲ ।" ମୁରଲର ଅର୍ଥ ଅବୁଝା ରହିଲେ ବି ମୋହନର ଅର୍ଥ ମୋହନ ଦାସ ଗାନ୍ଧୀ ବୋଲି କୁହାଯାଇପାରେ । ତାଙ୍କ ହାତରେ ପୂର୍ବ ଅବତାର ପରି ମରଣାସ୍ତ୍ର ନଥିଲା, ଥିଲା ଆଉ ଏକ ଅସ୍ତ୍ର ଅହିଂସା । ସେହି ଅହିଂସାର ପ୍ରଭାବରେ ବ୍ରିଟିଶ ସିଂହାସନ ଟଳମଳ ହେଲା ।

ସେଦିନ ବାପୁଜୀଙ୍କ ଭାଷଣ ଯିଏ ବୁଝିପାରୁଥିଲା ସେ ତନ୍ମୟ ହୋଇ ଗାନ୍ଧିଜୀଙ୍କ ଚେହେରାରେ କି ଶକ୍ତି ଅଛି ଖୋଜୁଥିଲା । ଏତେ ଲୋକ କିନ୍ତୁ ଅଦ୍ଭୁତ ନୀରବତା, କେବଳ ଗାନ୍ଧିଜୀଙ୍କ ସ୍ୱର ବ୍ୟତୀତ ପତ୍ରଟିଏ ଝଡ଼ିବାର ଶବ୍ଦ ବି ନଥିଲା । ସେ ସମୟରେ ଉନ୍ନତମାନର ଡାକବାଜି ଯନ୍ତ୍ର ନଥିଲା । ଫଟୋ ନେବା ପାଇଁ ଭଲ ଫଟୋଉଠା ଯନ୍ତ୍ର ନଥିଲା । ପଛରେ ଥିବା ଶ୍ରୋତାମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ ତାଙ୍କ ସ୍ୱର ଶୁଣି ପାରୁଛନ୍ତି କି ନାହିଁ ବାରମ୍ବାର ପଚାରୁଥିଲେ । ବେରବୋଇର ଯେଉଁ ସ୍ଥାନରେ ଗାନ୍ଧିଜୀ ଓ ଅନ୍ୟମାନେ ରହୁଥିଲେ ତାହା ଗାନ୍ଧୀ ସେବାଶ୍ରମ ଓ ପୋଷ୍ଟ ବେସିକ୍ ସ୍କୁଲରେ ପରିଣତ ହୋଇଛି । ତା' ନିକଟରେ ରହିଛି ବ୍ରହ୍ମେଶ୍ୱର ମନ୍ଦିର ଓ ବ୍ରହ୍ମେଶ୍ୱର ପୁଷ୍କରିଣୀ । ମହାତ୍ମା ଗାନ୍ଧୀ, କସ୍ତୁରବା ଗାନ୍ଧୀ, ସର୍ଦ୍ଦାର ପଟେଲ, ଡ. ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବହୁ ମାନ୍ୟଗଣ ବ୍ୟକ୍ତିମାନଙ୍କ ସମେତ ଶିବିରରେ ଯୋଗ ଦେଇଥିବା ଶହୀଦ ରଘୁନାଥ ମହାନ୍ତି ଓ ଶହୀଦ ଦିବାକର ପରିଡ଼ା ମଧ୍ୟ ସେହି ପୁଷ୍କରିଣୀରେ ସାତଦିନ ଧରି ସ୍ନାନ କରିଥିଲେ । ଶୁଣିବାକୁ ମିଳେ, ସମାବେଶ ପାଇଁ ସ୍ଥାନୀୟ ଲୋକେ ଏକ କି.ମି. ବ୍ୟାସ ମଧ୍ୟରେ ଥିବା ନିଜ ନିଜର ଚାଷ ଜମିର ହିଡ଼ ଭାଙ୍ଗି ସମତୁଲ କରିଥିଲେ । ଫଳରେ ଗାନ୍ଧିଜୀଙ୍କ ସହ ଆସିଥିବା ପ୍ରାୟ ଦୁଇଶହ ଲୋକ ଏବଂ ଚାରିହଜାର ଶିବିରାର୍ଥୀଙ୍କ ପାଇଁ ରହିବା ବ୍ୟବସ୍ଥା ହୋଇପାରିଲା । ସାତଦିନ ଧରି ଲୋକ ଛୁଟୁଥିଲେ ଯିଏ ଯେଉଁ ବାଟରେ ଯେମିତି ପାଇଲା । ପାଖାପାଖି ଅଞ୍ଚଳର ଲୋକମାନେ ଆସୁଥିଲେ ଶଗଡ଼ ଗାଡ଼ିରେ । ଶହ ଶହ ଶଗଡ଼ ଫିଟିଥିଲା ଗହୀର ବିଲ ମଝିରେ । ତୋଟା ବାରିରେ ଜାଗା ମିଳୁନଥିଲା । ଗାନ୍ଧିଜୀଙ୍କୁ ଲୋକେ ଦେଖୁଥିଲେ ଓ ଅନ୍ୟ ନେତୃ ସ୍ଥାନୀୟ ବ୍ୟକ୍ତିମାନଙ୍କୁ କହୁଥିଲେ । ଲୋକମାନେ ଦେଖିବା ପାଇଁ ହସ୍ତଶିଳ୍ପ ଓ ଖଦଡ଼ ବସ୍ତ୍ରର ଏକ ପ୍ରଦର୍ଶନୀ ମଞ୍ଚ ଏବଂ ଖାଇବାପାଇଁ ପୁରୀରୁ ଉଠି ଆସିଥିଲା ହୋଟେଲ ଓ ଜଳଖିଆ ଦୋକାନ । ଯାତ୍ରାରେ ଅନେକ ଦୋକାନ ଖୋଲିଥିଲା । ସାତ ଦିନର ଏହି ଅଧିବେଶନରେ ଗାନ୍ଧିଜୀ ଓ ଅନ୍ୟମାନେ ବକ୍ତବ୍ୟ ରଖୁଥିଲେ । ଗାନ୍ଧିଜୀ କହିଥିଲେ-"ମୋ ପାଇଁ ସାମ୍ୟତା କେବଳ 'ବାଦ' ନୁହେଁ ଗୋଟିଏ 'ଧର୍ମ' । ଜନ ସମୁଦାୟ ଗୋଟିଏ ଶ୍ରେଣୀଭୁକ୍ତ କରିବାକୁ ଇଚ୍ଛା କରେ । ମୁଁ ହାଇକୋର୍ଟ ଜଜ୍ ଓ ତାଙ୍କ ଚପରାଶିର ବେତନ ତଫାତ୍ ରଖିବା ଚାହେଁନାହିଁ ।" ସେ ପୁଣି କହିଥିଲେ, "ଶେଠ୍ ରାଜା, ମହାରାଜା ଶବ୍ଦ କେବଳ ସମ୍ବୋଧନ ପାଇଁ ପ୍ରଯୁଜ୍ୟ । ଏସବୁ ଶବ୍ଦ ପରିବର୍ତ୍ତନ ପାଇଁ କିଛି ସମୟ ଲାଗିବ । ସେହି ଲୋକମାନେ ସେମାନଙ୍କ ତରଫରୁ ଆମକୁ କହିବେ ଆଉ ଏଣିକି ସେପରି ସମ୍ବୋଧନ କରନ୍ତୁ ନାହିଁ, ଆମକୁ ଶୁଣିବାପାଇଁ ଲାଜ ଲାଗୁଛି । ସେତେବେଳେ ଏହି ଶବ୍ଦଗୁଡ଼ିକ ଆପଣା ଛାଏଁ ବିଲୋପ ହୋଇଯିବ । ନୂଆ ଜୀବିକା ଆଧାରିତ କିଛି ନୂଆ ସଂବୋଧନ ପ୍ରକାଶ ପାଇବ ।"

ସାତଦିନିଆ ଡେଲାଙ୍ଗ ବେରବୋଇ ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା - ହରିଜନମାନଙ୍କ ମନ୍ଦିର ପ୍ରବେଶ ଅଧିକାର, ଓଡ଼ିଶା ଶିଳ୍ପ ଉଦ୍ୟୋଗର ବିକାଶ, ଅଫିମ ବର୍ଜନ, ହସ୍ତଶିଳ୍ପର ଉନ୍ନତି ସାଧନ, ଗ୍ରାମସେବା କାର୍ଯ୍ୟକ୍ରମ, ହିନ୍ଦୁ ମୁସଲମାନ ଏକଥା ନେଇ ଆଲୋଚନାମାନ ହୋଇଥିଲା ଏବଂ ଗାନ୍ଧିଜୀଙ୍କ ମତାମତ ନିଆଯାଇଥିଲା । ପ୍ରତ୍ୟେକ ଦିନର ଟିକିନିଖି ବିବରଣୀ ୱାର୍ଦ୍ଧା ଗାନ୍ଧୀ ସେବା ସଂଘର ସଚିବ ରଘୁନାଥ ଶ୍ରୀଧର ଧୋତ୍ରେ ହିନ୍ଦୀ ଭାଷାରେ ଉଲ୍ଲେଖ କରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଡେଲାଙ୍ଗ ଅଧିବେଶନ ରଣପୁର ଗଡ଼ଜାତ ପ୍ରଜା ଆନ୍ଦୋଳନକୁ ଜଡ଼ିତ ବେଗରେ ପ୍ରଭାବିତ କରିଥିଲା । ଡେଲାଙ୍ଗ ଅଧିବେଶନର ପରେ ପରେ ରଣପୁର ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଶହୀଦ ଦିବାକର ପରିଡ଼ାଙ୍କ ସାନଭାଇ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପରିଡ଼ା ସେତେବେଳେ ଏ ଲେଖକକୁ କହିଥିଲେ, "ନନା, ତାଙ୍କ ସାଙ୍ଗ ରଘୁନାଥ ମହାନ୍ତି ଓ ଅନ୍ୟମାନେ ଡ଼େଲାଙ୍ଗରୁ ମହାତ୍ମା ଗାନ୍ଧୀଙ୍କ ସଭାରୁ ଫେରିବା ପରେ ପ୍ରଜାମଣ୍ଡଳର ସଂଗଠନ ସଂପାଦକ ରହିବା ସହ ଗାଁ ଗାଁ ବୁଲି ମେଳି ସଭାମାନ କଲେ । ରଣପୁର ରାଜ୍ୟ ବାହାରେ ସାମପଦର, ସିକୋ ଓ ଟାଙ୍ଗିଠାରେ ପ୍ରକାଶ୍ୟ ସଭା ଓ ନାଟିମ, ଝାଡ଼ପଡ଼ା, ମୟୁରଝାଲିଆ, ଚନ୍ଦପୁର, ମଝିଆଁଖଣ୍ଡ, ନରେନ୍ଦ୍ରପୁର, ଡିହଗାଁ, ଲୋଧାଛୁଆ, ବାଙ୍କପୁର, ଖରିଆ କୁଳାସର ଆଦି ଗ୍ରାମମାନଙ୍କରେ ରାତିରେ ଗୁପ୍ତସଭାମାନ କରାଇଲେ । ସେ ଚାକିରୀ କରିଥିବା ରଣପୁର ନରେନ୍ଦ୍ର ପ୍ରିଣ୍ଟିଂ ପ୍ରେସର ସହକାରୀ ପରିଚାଳକ ପଦରୁ ଇସ୍ତଫା ଦେଇ ରାଜବିଦ୍ରୋହ କାର୍ଯ୍ୟରେ ମାତି ଉଠିଲେ ।" ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳ କାର୍ଯ୍ୟଧାରାକୁ ସକ୍ରିୟ କରିବାରେ ମହାତ୍ମାଗାନ୍ଧୀଙ୍କ ପ୍ରଭାବ ଅବର୍ଣ୍ଣନୀୟ ଥିଲା । ଡେଲାଙ୍ଗ ଅଧିବେଶନରେ ଗାନ୍ଧିଜୀ ଅହିଂସାର କଥା ହିଁ କହିଥିଲେ । ରଣପୁର ଗଡ଼ଜାତର ମହାନ୍ ବିପ୍ଳବୀ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି ଗାନ୍ଧିଜୀଙ୍କ ସେହି ଅହିଂସାବାଣୀରେ ପ୍ରଭାବିତ ହୋଇଥିଲେ । ଅସଲରେ ସେମାନେ ବ୍ରିଟିଶ୍ ପଲିଟିକାଲ ଏଜେଂଟ୍ ମେଜର ଆର୍.ଏଲ୍. ବେଜେଲଗେଟଙ୍କୁ ହତ୍ୟା କରିବା ପାଇଁ କହିନଥିଲେ କି ହତ୍ୟାକାଣ୍ଡସ୍ଥାନରେ ମଧ୍ୟ ନଥିଲେ । ଯେହେତୁ ଏ ଦୁହେଁ ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଉଥିଲେ, ତେଣୁ ସେମାନଂକ ନାମ ଅଭିସନ୍ଧିମୂଳକ ଭାବେ ରଣପୁର ପୁଲିସ ଦ୍ୱାରା ହତ୍ୟାକାଣ୍ଡ ସହ ଯୋଡ଼ିଦିଆଯାଇଥିଲା । ଫଳରେ ସେମାନେ ଦେଶ ପାଇଁ ଫାଶୀବରଣ କଲେ । ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହୋଇ ବେଜେଲଗେଟ୍ ପ୍ରଜାଙ୍କ ଠେଙ୍ଗାମାଡ଼ରେ ନିହତ ହୋଇଥିଲେ । ଓଡ଼ିଶାର ଗଡ଼ଜାତମାନଙ୍କରେ ରାଜା-ମହାରାଜାମାନଙ୍କର କରଭାର, ଅନ୍ଧାରୀ ଶାସନର ଗାଥା ଗାନ୍ଧିଜୀ ଅନୁଭବ କରିଛନ୍ତି ଓ ଉଦବେଗ ପ୍ରକାଶ କରିଛନ୍ତି । ଗଡ଼ଜାତର ଲୋକମାନଂକ ଚେତନାରେ ଗାନ୍ଧିଜୀ ମଣିଷ ନ ଥିଲେ, ଜଣେ ଦେବତା ଥିଲେ ।

**ସତ୍ୟବାଦୀ ବଳିଆରସିଂହ, ସଭାପତି, ଖୋର୍ଦ୍ଧା ବିଷୁବ ମିଳନ ସମିତି, ଶୂନ୍ୟଭାଷ: ୯୨୩୭୦୮୯୫୦୯**




## ଭୁବନେଶ୍ୱର ଓ ବ୍ରହ୍ମପୁରର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ, କଟକର ମେୟର ପଦବୀ ଅଣସଂରକ୍ଷିତ, ବିଜ୍ଞପ୍ତି ଜାରୀ

ଭୁବନେଶ୍ୱର, (ପି.ଏନ): ରାଜ୍ୟର ତିନି ମହାନଗର ନିଗମ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରର ମେୟର ପଦବୀ ପାଇଁ ସଂରକ୍ଷଣ ଚୂଡ଼ାନ୍ତ ହୋଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ଓ ବ୍ରହ୍ମପୁରର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ କଟକର ମେୟର ପଦବୀ ଅଣସଂରକ୍ଷିତ ରହିଛି।ଅନ୍ୟ ପକ୍ଷରେ ବ୍ରହ୍ମପୁର, କଟକ, ଭୁବନେଶ୍ୱର ମହାନଗର ନିଗମ ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ଚୂଡ଼ାନ୍ତ ହୋଇଛି। ସୀମା ନିର୍ଦ୍ଧାରଣ ସହ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନେଇ ବି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମର ମୋଟ୍ ୪୨ଟି ୱାର୍ଡରୁ ୨୩ଟି ୱାର୍ଡ ସଂରକ୍ଷିତ ରହିଛି। ଏଣେ କଟକରେ ମୋଟ୍ ୫୯ଟି ୱାର୍ଡରୁ ୩୩ଟି ୱାର୍ଡ ସଂରକ୍ଷିତ ରହିଛି। ଅପରପକ୍ଷରେ ଭୁବନେଶ୍ୱର ମହାନଗର ନିଗମର ୬୭ଟି ୱାର୍ଡରୁ ୩୮ଟି ସଂରକ୍ଷିତ ଥିବା କୁହାଯାଇଛି।

## ଅପରାଧୀକୁ ଧରିବାକୁ ଯାଇ ଲହୁଲୁହାଣ ହେଲା ପୋଲିସ୍

ଭୁବନେଶ୍ୱର, ୨୯।୧(ପି.ଏନ): ମୋଷ୍ଟ ୱାଂଟେଡ ଅପରାଧୀକୁ ଧରିବାକୁ ଯାଇଥିବା ବେଳେ ଆକ୍ରମଣର ଶୀକାର ହୋଇଛି ପୋଲିସ୍। ତେବେ ମାଡ଼ ମାରି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତକୁ ପୋଲିସ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଟିଙ୍କୁ ମାଲିଆ ଓ ତାଙ୍କ ଘର ଭୁବନେଶ୍ୱର କପିଳେଶ୍ୱରରେ। ତାଙ୍କୁ ଧରିବାକୁ ଯାଇ ୪ ପୋଲିସ୍ କର୍ମଚାରୀ ଆହତ ହୋଇଛନ୍ତି।ସୂଚନାଯୋଗ୍ୟ, ଟିଙ୍କୁ ମାଲିଆ ନାଁରେ ରାଜଧାନୀର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି । ଦୀର୍ଘ ଦିନ ହେବ ପୋଲିସ୍ ତାକୁ ଖୋଜିବାକୁ ଚେଷ୍ଟା ଚଳାଇଥିବା ବେଳେ ତା'ର ପତା ପାଉ ନ ଥିଲା। ହେଲେ ଗତକାଲି ଲିଙ୍ଗରାଜ ଥାନା ଅଂଚଳରେ ଅଭିଯୁକ୍ତଜଣକ ବୁଲୁଥିବା ଖବର ମିଳିଥିଲା। ଏହାପରେ ଅତର୍କିତ ଚଢ଼ାଉ ପରେ ପୋଲିସ୍ ଉପରେ ଓଲଟା ଆକ୍ରମଣ କରି ଖସିବାକୁ ବସିଥିଲା ଟିଙ୍କୁ ମାଲିଆ।

## କରୋନାରୁ ସୁସ୍ଥ ହେଲେ ଆଉ ୧୦,୨୬୭

ଭୁବନେଶ୍ୱର,୨୯।୧ (ପି.ଏନ): ରାଜ୍ୟରେ ଶନିବାର ଆଉ ୧୦ ହଜାର ୨୬୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୮୪ହଜାର ୧୭୪ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୮୨୯ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୯୩୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଜିଲ୍ଲା ପରିଷଦର ପ୍ରଚାର ମଙ୍ଗ ଧରିଲେ ଧର୍ମଶାଳା ଯୁବ ବିଜେଡି



ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୬ଗୋଟି ଜିଲ୍ଲା ପରିଷଦ ଜୋନରେ ବିଜୁ ଜନତା ଦଳର ପ୍ରାର୍ଥୀ ମାନଙ୍କ ପାଇଁ ଧର୍ମଶାଳା ଯୁବ ବିଜେଡି କର୍ମକର୍ତ୍ତାମାନେ ପ୍ରତ୍ୟେକ ପଞ୍ଚାୟତରେ କୋଭିଡ ନିୟମକୁ ମାନି ଛୋଟଛୋଟ ବୈଠକ ଏବଂ ଡୋର କ୍ୟାମ୍ପେନ କରି ଭୋଟରଙ୍କ ପାଖରେ ପହଞ୍ଚିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ଶ୍ରୀ ବଳବନ୍ତରାୟ ଧର୍ମଶାଳାରେ ଚଳୁ ରଖିଥିବା ବିକାଶର ଗାଥାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ସରକାରଙ୍କ ସମସ୍ତ ଯୋଜନାକୁ ଘର ଘର ବୁଲି ଅବଗତ କରାଉଛନ୍ତି । କିଭଳି ଭାବରେ ୬ଗୋଟି ଜୋନରେ ସର୍ବାଧିକ ଭୋଟ ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ପାଖକୁ ଆସିବ ଏବଂ ଓଡିଶାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସର୍ବାଧିକ ବ୍ୟବଧାନ ହେବ ତାର ଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟକ୍ରମ ଚଳୁ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ସାଧାରଣ ସମ୍ପାଦକ ବିକାଶ ଦାସ, ୧୧ନଂ ଜୋନ ସଭାପତି ପ୍ରଦିପ ପାଲ, ୧୨ନଂ ଜୋନ ସଭାପତି ଶକ୍ତିରନ ଦାସ, ସମ୍ପାଦକ ରିତେଶ ମିଶ୍ର, ୧୩ନଂ ଜୋନ ସଭାପତି ଜିତେନ୍ଦ୍ର ପାଲ, ଯୁବ ନେତା ରାକେଶ ନାୟକ, ଉପସଭାପତି ଅରୁପ ପ୍ରସାଦ ନାରାୟଣ, ୧୫ନଂ ଜୋନ ସଭାପତି ସୟ ମଣ୍ଡଳ, ୩୪ନଂ ଜୋନ ସଭାପତି ବିଶ୍ୱନାଥ ପଣ୍ଡା ପ୍ରମୁଖ ପ୍ରଚାର କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି ।

## ଚୋରମୁହାଁ ୟୁଥ କ୍ଲବ କ୍ରିକେଟ ଟୁର୍ଣ୍ଣମେଂଟ, ଫାଇନାଲରେ ଜାରକା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ୟୁଥକ୍ଲବ ଅନୁକୁଲ୍ୟରେ ସ୍ଥାନୀୟ ମଜାର ପଡିଆରେ ଚାଲିଥିବା ହରେକୃଷ୍ଣ ରାଉତ ଓ ମଧୁସୁଦନ ରାଉତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟରେ ଶୁକ୍ରବାର ଆୟୋଜକ ଚୋରମୁହାଁ ୟୁଥ କ୍ଲବକୁ ୭ ଉଇକେଟରେ ପରାସ୍ତ କରି ଜାରକା ଇଲେଭେନ ଷ୍ଟାର ଫାଇନାଲରେ ପ୍ରବେଶ କରିଛି ।ଚୋରମୁହାଁ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିଲା । ଦଳ ପକ୍ଷରୁ ତରିଣୀ ପ୍ରସାଦ ମହାନ୍ତି ୧୯ ରନ କରିଥିବା ବେଳେ ବିପକ୍ଷ ଦଳର ଅବିନାସ ସାହୁ ୪ଟି ଉଇକେଟ ନେଇଥିଲେ । ଜବାବରେ ଜାରକା ଟିମ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୦୬ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ପପୁ ଘଡାଇ ୫୮ ରନ କରିଥିବା ବେଳେ ବିପକ୍ଷ ଦଳର ସୋମ୍ୟ ସାହୁ ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଜଗନ୍ନାଥ ଦାସ ଓପ୍ରଦୀପ ଜେନା ପରିଚାଳନା କରିଥିଲେ । ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କେସିସି ସୁଙ୍ଗୁଡା ସହିତ ଟାଇଗର ୟୁଥ କ୍ଲବ ବାମଦେଇପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଏନଟିଡି ର ମୂଳୋତ୍ପାଟନ ପାଇଁ ପ୍ରୟାସ ଆବଶ୍ୟକ

ଭୁବନେଶ୍ୱର , ୨୯।୧(ପି.ଏନ): ପ୍ରତ୍ୟେକ ବର୍ଷ ଜାନୁଆରୀ ୩୦କୁ ସମଗ୍ର ବିଶ୍ୱରେ ନେଗ୍‌ଲେକ୍ଟେଡ ଟ୍ରପିକାଲ ଡିଜିଜେସ୍ (ଏନଟିଡି) ଦିବସ ଭାବରେ ପାଳନ କରାଯାଉଛି। ୨୦୧୨ରେ ଐତିହାସିକ ଲଣ୍ଡନ ଘୋଷଣାନାମା ଅନୁଯାୟୀ ଏନଟିଡିର ମୂଳୋତ୍ପାଟନ ଉପରେ ଅଧିକ ଧ୍ୟାନ ଦିଆଯାଉଛି ଏବଂ ଏ ଦିଗରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ବିଭିନ୍ନ ରାଷ୍ଟ୍ର ଏବଂ ଜନସାଧାରଣଙ୍କ ସହଭାଗିତାକୁ ଅଧିକ ଗୁରୁତ୍ୱ ଦେଉଛି । ୨୦୨୦ରେ ସମୁଦାୟ ବିଶ୍ୱକୁ ଏହି ରୋଗରୁ ସୁରକ୍ଷିତ ରଖିବା ସକାଶେ ପ୍ରଥମ ଥର ପାଇଁ ବିଶ୍ୱ ଏନଟିଡି ଦିବସ ପାଳନ କରାଯାଇଥିଲା। ଏନଟିଡି ଶରୀରକୁ ଦୁର୍ବଳ ଏବଂ ଜୀବନକୁ ପ୍ରଭାବିତ କଲାଭଳି ରୋଗଗୁଡିକର ସମାହାର ଯାହା ଅଧିକରୁ ଅଧିକ ଦରିଦ୍ର ଏବଂ ସବୁଠାରୁ ଦୁର୍ବଳ ଜନସାଧାରଣଙ୍କୁ ଆକ୍ରାନ୍ତ କରୁଛି। ଏନଟିଡିରେ ଗୋଦର ଗୋଡ (ଲିମ୍ଫାଟିକ ଫାଇଲେରିଆସିସ୍), କାଲାଜ୍ୱର (ଭିସେରାଲ ଲିଶମେନିୟାସିସ), କୁଷ୍ଠରୋଗ (ଲେପ୍ରସି), ଡେଙ୍ଗୁ, ଚିକୁନଗୁନିଆ, ରାବିଜ ଆଦି ଅନ୍ତର୍ଭୁକ୍ତ, ଯେଉଁଗୁଡିକର ନିୟନ୍ତ୍ରଣ ପୂର୍ଣ୍ଣମାତ୍ରାରେ ସମ୍ଭବ। କିନ୍ତୁ ସମୁଦାୟ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକ ଏହି ସମସ୍ତ ରୋଗରେ ସଂକ୍ରମିତ ହେଉଛନ୍ତି । ଭାରତରେ ମଧ୍ୟ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଲୋକ ଏନଟିଡି ରୋଗଗୁଡିକରେ ସଂକ୍ରମିତ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବିଶ୍ୱରେ ପ୍ରତି ୫ ଜଣରେ ଜଣେ ବ୍ୟକ୍ତି ଏହି ଏନଟିଡି ରୋଗରେ ଆକ୍ରାନ୍ତ। ଏହା ଅତ୍ୟନ୍ତ ମାରାତ୍ମକ ରୋଗ ଯାହା ପ୍ରତ୍ୟେକଙ୍କ ଶିକ୍ଷା, ପୋଷଣ ଏବଂ ଆର୍ଥିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। କିନ୍ତୁ ଏସବୁର ନିୟନ୍ତ୍ରଣ ଏବଂ ମୂଳୋତ୍ପାଟନ ସମ୍ଭବ। ଏହାର ମୂଳୋପିଟନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଗଲେ ଆର୍ଥିକ ବିକାଶ, ସମୃଦ୍ଧି ଏବଂ ସାମାଜିକ ସ୍ତରରେ ସମାନତାରେ ଅଭିବୃଦ୍ଧି ଘଟିପାରିବ। ବିଶ୍ୱରେ ପ୍ରାୟ ୧.୭ ବିଲିଅନ ଲୋକଙ୍କୁ ପ୍ରଭାବିତ କରୁଥିବା ଏହି ରୋଗଗୁଡିକ ପ୍ରତିବର୍ଷ ଘଟୁଥିବା ହଜାର ହଜାର ସଂଖ୍ୟାରେ ମୃତ୍ୟୁର ମଧ୍ୟ କାରଣ ପାଲଟିଛି, ଯାହାକୁ ରୋକାଯାଇ ପାରିବ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନିରଞ୍ଜନ ମିଶ୍ର କହିଛନ୍ତି ଯେ ଏନଟିଡି ରୋଗଗୁଡିକୁ ଅବହେଳିତ ଅଥବା କମ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଇଥାଏ, କିନ୍ତୁ ବିଗତ କିଛି ବର୍ଷଧରି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯଦ୍ଦ୍ୱାରା ଏ କ୍ଷେତ୍ରରେ ଏକ ମିଶନ ଆଧାରରେ କାର୍ଯ୍ୟ କରାଯାଇପାରିବ। ବିଶ୍ୱ ଏନଟିଡି ଦିବସ ଅବସରରେ ଏନଟିଡି ରୋଗଗୁଡିକର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସାମୁଦାୟିକ ସହଭାଗିତା ସହିତ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି, ଯାହାଫଳରେ ଏକ ସୁସ୍ଥ ସମାଜ ଏବଂ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ।

## ଧର୍ମଶାଳାରେ ଶିଶୁ କନ୍ୟା ବିକ୍ରୀ ଅଭିଯୋଗ, ଶିଶୁ ସୁରକ୍ଷା ଅଧିକାରୀଙ୍କ ତଦନ୍ତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଂଚାୟତ ସାନରାଏପଡା ଗ୍ରାମରେ ଏକ ଶିଶୁ କନ୍ୟା ବିକ୍ରୀ ହୋଇଥିବା ଅଭିଯୋଗ ପାଇଁ ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ତଦନ୍ତ ଚଳାଇଛନ୍ତି। ସାନରାଏପଡା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ କନ୍ୟା କାଂଚନ ବେହେରା ବରୀରେ ୨୦ବର୍ଷ ପୂର୍ବେ ନଟ ବେହେରାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଥିବା ବେଳେ ପୂର୍ବରୁ ଏକ ଝିଅକୁ ବିକ୍ରୀ କରିଦେଇଥିଲେ। ଏବେ କାଂଚନ ଓ ନଟ ଶଶୁର ଘର ସାନରାଏପଡାରେ ଆସି ୨ବର୍ଷ ହେବ ରହୁଛନ୍ତି। ଗତ ୨୭ତାରିଖରେ କାଂଚନ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ୨୮ତାରିଖରେ ତାଙ୍କୁ ଡିସଚାର୍ଜ କରିଥିଲେ। କିନ୍ତୁ ନଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଶିଶୁ କନ୍ୟାଟି କେନ୍ଦ୍ରାପଡା ଅଂଚଳର ଜଣେ ଲୋକଙ୍କୁ ୧୨ହଜାର ଟଙ୍କାରେ ବିକ୍ରୀ କରିଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକଙ୍କ ଅଭିଯୋଗକ୍ରମେ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଶିଶୁ କନ୍ୟାକୁ ବିକ୍ରୀ କରିଥିବା ପିତା ନଟ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ, ମୋ ସ୍ତ୍ରୀର ଦେହ ଅସୁସ୍ଥ ଥିବା ବେଳେ ମୋର ଆର୍ଥିକ ସ୍ଥିତି ଭଲ ନଥିବାରୁ ଶିଶୁଟିର ବଂଚିବା ପାଇଁ ଅନ୍ୟକୁ ବିକ୍ରୀ କରିଦେଇଥିଲେ ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଶ୍ରୀ କରଙ୍କ ଅଭିଯୋଗକ୍ରମେ ପୁଲିସ ଏକ କେଶ ରୁଜୁ କରି ଶିଶୁ କନ୍ୟାଟିର ପିତା ନଟକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହ ବିକ୍ରୀ ହୋଇଥିବା ଶିଶୁ କନ୍ୟାଟିକୁ ଉଦ୍ଧାର କରିବା ସହ ପ୍ରଶାସନ ତାର ହେପାଜତକୁ ନେବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

## ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ଓରାଓଁ ଜନଜାତିଙ୍କ ପର୍ବପର୍ବାଣି ଓ ବେଶଭୂଷା

ଭୁବନେଶ୍ୱର , (ପି.ଏନ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ ରେଦର୍ଶକମାନେ ଆସନ୍ତାକାଲି ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଓରାଓଁ ଜନଜାତିଙ୍କର ପରମ୍ପରା ଓ ସଂସ୍କୃତିର ନିଦର୍ଶନ ବିଭିନ୍ନ ପର୍ବପର୍ବାଣି ଓ ବେଶଭୂଷା ସଂପର୍କରେ ଜାଣିପାରିବେ। ଏସ୍‌ସିଏସ୍‌ଟି ଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଓରାଓଁମାନେ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଛତିଶଗଡ଼ ଓ ମହାରାଷ୍ଟ୍ରରେ ବାସ କରିଥାନ୍ତି । ଓଡ଼ିଶାର ଓରାଓଁମାନେ କୃଷିଜୀବୀ ସଂପ୍ରଦାୟର। ସେମାନେ କୃଷିରେ ଆଧୁନିକ ଉପକରଣ ଯଥା: ସାର, କୀଟନାଶକ ଓ ଉନ୍ନତ ମାନର ମଂଜିର ଉପଯୋଗ କରିଥାନ୍ତି। ସେମାନଙ୍କ ଘରଗୁଡ଼ିକ ବେଶ୍ ପ୍ରଶସ୍ତ। ଓରାଓଁ ଜନଜାତିଙ୍କ ଘର ସମ୍ମୁଖ ଓ ପଛପଟେ ଅଗଣା ଥାଏ। ଓରାଓଁମାନେ ମାନବ ଜୀବନ ଓ ପ୍ରକୃତି ସହିତ ସଂପର୍କ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହାକୁ ସେମାନେ ସାମାଜିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ କରିଥାନ୍ତି । ବିଭିନ୍ନ ଋତୁ ପରିବର୍ତନ ସହ ସେମାନେ ନୃତ୍ୟ ଓ ସଂଗୀତ ଉତ୍ସବ ପାଳନ କରି ଆନନ୍ଦିତ ହୁଅନ୍ତି। ସେଥିମଧ୍ୟରେ ଗୋଉତ୍ସବ ବା ଗୋପୂଜା ଅନ୍ୟତମ। ଓରାଓଁମାନଙ୍କର ପାରମ୍ପରିକ ପୋଷାକ ନାଳି ଧଡ଼ି ବୁଣା ବା ମୋଟା ଖଦଡ଼ରେ ତିଆରି ହୋଇଥାଏ । ପୁରୁଷମାନେ ଲିଅନ୍ କପଡ଼ା ବା କେରିଆ ପରିଧାନ କରୁଥିବାବେଳେ ମହିଳାମାନେ କାନାରିଆ ପରିଧାନ କରିଥାନ୍ତି । ଉଭୟ ପୋଷାକ ସ୍ଥାନୀୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଓରାଓଁ ଜନଜାତିର ପୁରୁଷମାନେ ବେଳେବେଳେ ପଗଡ଼ି ବ୍ୟବହାର କରୁଥିବାବେଳେ ମହିଳାମାନେ ଅଳଙ୍କାର ବ୍ୟବହାର କରିଥାନ୍ତି, ଯାହାକି ମୂଲ୍ୟବାନ ଧାତୁ କିମ୍ବା ପିତଳରେ ତିଆରି ହୋଇଥାଏ। ସଂପ୍ରତି, ଏହି ଜନଜାତି ପାରମ୍ପରିକ ପୋଷାକ ସହିତ ପ୍ୟାଂଟ, ସାର୍ଟ ଓ ସିନ୍ଥେଟିକ୍ ଶାଢ଼ି ପରିଧାନ କରୁଛନ୍ତି । ନୃତ୍ୟ ସମୟରେ ସେମାନେ ନକଲି ପଇସାରେ ତିଆରି ହାର ଓ ବାହୁବନ୍ଧରେ ସଜାଇ ହୋଇଥାନ୍ତି ।

## ଚୋରାମଦ ଜବତ, ୨ମହିଳା ବେପାରୀ ଗିରଫ

ଧର୍ମଶାଳା, (ପିଏନ୍): ଆଗକୁ ପଞ୍ଚାୟତ ନିର୍ବାଚନ । ଏଥିପାଇଁ ଧର୍ମଶାଳା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏବେଠାରୁ ବିପୁଳ ପରିମାଣର ଚୋରାମଦ ଗଛିତ କରାଯାଉଛି । ଏହି ବେଆଇନ କାରବାରରେ ମହିଳାମାନଙ୍କୁ ବ୍ୟବହାର କରାଯାଉଛି । ଖବରପାଇ ଯାଜପୁର ଏସ୍‌ପିଙ୍କ ଦ୍ୱାରା ଗଠିତ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଶୁକ୍ରବାର ପୂର୍ବାହ୍ନରେ ନାକପୋଲ ହାଟ ନିକଟରେ ଥିବା ଏକ ଘରେ ଚଢ଼ଉ କରି ୧୫୪ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରିଥିଲା । ଏଥିସହ ବେଆଇନ ଭାବେ ଚୋରାମଦ ବିକ୍ରି କରୁଥିବା ଅଭିଯୋଗରେ ଗଙ୍ଗାଧରପୁର ଗ୍ରାମର ଧନେଶ୍ୱର ଦାସ ଓରଫ୍ ପଲୁଆକୁ ଗିରଫ କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ସେହିପରି ଧର୍ମଶାଳା ଥାନା ପୁଲିସ୍ ଆଜି ଚୋରମୁହାଁ ଗ୍ରାମରେ ଚଢ଼ଉ କରି ୧୦୦.୮୧୦ଲିଟର ଚୋରମଦ ଜବତ କରିଛି । ଚୋରାମଦ ବେପାର କରୁଥିବା ଅଭିଯୋଗରେ ପୁଲିସ୍ ଦୁଇ ମହିଳା ବେପାରୀ ଜାହାରା ଖାତୁନ୍ ଓ ବୈଜୟନ୍ତୀବାଳା ନାୟକକୁ ଗିରଫ କରିଛି । ପ୍ରକାଶ ଯେ, ଧର୍ମଶାଳା ଥାନା ପଛପାର୍ଶ୍ୱ ଚୋରମୁହାଁ ଗ୍ରାମରେ ଉଭୟ ମହିଳା ଦୀର୍ଘବର୍ଷ ହେଲା ବେଧଡ଼କ ଭାବେ ଚୋରାମଦ ବିକ୍ରି କରି ଆସୁଛନ୍ତି। ପୂର୍ବରୁ ଅବକାରୀ ସ୍କ୍ୱାଡ୍ ଏଠାରେ ଚଢ଼ଉ କରି ବିପୁଳ ପରିମାଣର ଚୋରାମଦ ଜବତ କରିବା ସହିତ ମହିଳା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏଠାକାର ଚୋରାମଦ ବେପାର ଉପରେ ଏହା କୌଣସି ପ୍ରଭାବ ପକାଇ ପାରିନାହିଁ । ତେବେ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ଆଜି ଏଠାରେ ଅତର୍କିତ ଚଢ଼ଉ କରି ୯୦.୮୧୦ଲିଟର ବିଦେଶୀ ମଦ ଓ ୧୦ଲିଟର ଆସ୍କାଫର୍ଟି ଦେଶୀମଦ ଜବତ କରିବାକୁ ସକ୍ଷମ ହୋଇଛି । ସେହିପରି ଆନ୍ଧ୍ର ପ୍ରଦେଶରୁ ଆସିଥିବା ଜଣେ ମହିଳା ଧର୍ମଶାଳା ଥାନା ପଛ ପାର୍ଶ୍ୱରେ ଦୀର୍ଘବର୍ଷ ବେଧଡ଼କ ଚୋରମଦ ବିକ୍ରି କରୁଛନ୍ତି । ଏଥିସହ ଧର୍ମଶାଳା ବଜାର ସମେତ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଭାବେ ଚୋରାମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଯାଜପୁର ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସୁବିଧା ସମ୍ପର୍କିତ ବୈଠକ

ଭୁବନେଶ୍ୱର , (ପି.ଏନ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଓସେପା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ପରୀକ୍ଷାରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଅଧିକ ସଂଖ୍ୟକ ଭିନ୍ନକ୍ଷମ ପରୀକ୍ଷାର୍ଥୀ କିଭଳି ଏହି ସୁବିଧାସୁଯୋଗ ପାଇପାରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ନିଷ୍ପତି ନିଆଯାଇଛି । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସୁବିଧାଗୁଡିକ ଯଥା: ସହାୟକ ଲେଖାଳି, ଏକ ଘଂଟାର ପରୀକ୍ଷା ସମୟ ଅବଧି ପାଇଁ ଅତିରିକ୍ତ ୨୦ ମିନିଟ, ଯଥା ସମ୍ଭବ ତଳ ମହଲାରେ ପରୀକ୍ଷା ସ୍ଥାନର ବ୍ୟବସ୍ଥା, ଶ୍ରବଣ ବାଧିତଙ୍କ ନିମନ୍ତେ ଦ୍ୱିତୀୟ ଭାଷା ଏସଇପି ଓ ତୃତୀୟ ଭାଷା ଭାବେ ଭିଜୁଆଲ ଆର୍ଟ ଚୟନ କରିବାର ବିକଳ୍ପ ବ୍ୟବସ୍ଥା, ତଥା ଶତକଡା ୫୦ ଭାଗ ପର୍ଯ୍ୟନ୍ତ ଶ୍ରେଣୀ ଉପସ୍ଥାନରେ କୋହଳ । ଦ୍ୱାଦଶ ଶ୍ରେଣୀର ସମସ୍ତ ବର୍ଗର ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପରୋକ୍ତ ସୁବିଧା ସହ ପରୀକ୍ଷା ଫିସରେ କୋହଳ ଏବଂ ଶ୍ରବଣ ବାଧିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ସଂକ୍ଷିପ୍ତ ଉତରମୂଳକ ପ୍ରଶ୍ନୋତର ବ୍ୟବସ୍ଥା କରାଯାଇଛି । ଦଶମ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଏସଇଓଡିଶା ଡଟ୍ ଏସି ଡଟ୍ ଇନ୍ ଏବଂ ଦ୍ୱାଦଶ ପରୀକ୍ଷାର୍ଥୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସିଏଚଏସଇଓଡିଶା ଡଟ୍ ଏନଆଇସି ଡଟ୍ ଇନ୍ ରେ ଲଗ୍ ଇନ୍ କରି ଅଧିକ ବିବରଣୀ ହାସଲ କରିପାରିବେ । ଏହି ପରିପ୍ରେକ୍ଷୀରେ ଓସେପା ଦ୍ୱାରା ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ତରଫରୁ ପ୍ରଦତ ରିହାତି/ସୁବିଧା ସମ୍ପର୍କିତ ଏକ ସୂଚନା ପୁସ୍ତିକାକୁ ପ୍ରମୁଖ ଶାସନ ସଚିବ ଉନ୍ମୋଚନ କରିଥିଲେ । ଆଜିର ବୈଠକରେ ଅନୁପମ ସାହା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ସଭାପତି ଏବଂ ସମ୍ପାଦକ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ତଥା ଉପାଧ୍ୟକ୍ଷ ଏବଂ ଉପ ପରୀକ୍ଷା ନିୟନ୍ତ୍ରକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲା ଶିକ୍ଷକ ମହାସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଧର୍ମଶାଳା,(ପିଏନ୍): ଯାଜପୁର ଜିଲ୍ଲା ଶିକ୍ଷକ ମହାସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆଜି ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ପ୍ରଫେସର ଦୁଷ୍ମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ସାହୁ ସୂଚନା ପ୍ରଦାନ କରିଥିବା ବେଳେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଜିଲ୍ଲା ସଂପାଦକ ସୁବାଷ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ସାମ୍ବିଧାନିକ ସମ୍ମିଳନୀ ଯାଜପୁର ରୋଡସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବା ପାଇଁ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ କମିଟିକୁ ଅନୁରୋଧ କରାଯାଇଥିଲା। ଏତଦବ୍ୟତୀତ 'ଶିକ୍ଷା ସମସ୍ୟା' ପତ୍ରିକାର ପୁନଃ ପ୍ରକାଶନର ନିୟମିତ କରିବା ସହ ନୂତନ ଶିକ୍ଷା ନୀତି ୨୦୨୦ ଉପରେ ସେମିନାର କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏଥିପାଇଁ ଅସନ୍ତା ୨ତାରିଖରେ ବ୍ୟାସନଗର କଲେଜଠାରେ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଥିଲେ। ଶିକ୍ଷକ ସଂଘ ନେତା ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂ, ଧନଂଜୟ କେଶରୀ ରାଉତରାୟ, ଯତୀନ୍ଦ୍ର କୁମାର ଜେନା, ଦିଗମ୍ବର ସାହୁ, କୈଳାସ ଚନ୍ଦ୍ର ବେହେରା, ପିତାମ୍ବର ସ୍ୱାଇଁ, ପୁରୁଷୋତମ ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶେଷରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଜିଲ୍ଲା ସଂପାଦକ ହୃଷିକେଶ ସାମଲ ଧନ୍ୟବାଦ ଦେଇଥିଲେ।

## ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

## ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି। ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି।




# ଓଡ଼ିଶାରେ ଗାନ୍ଧୀ ସ୍ମୃତି ଓ ଗାନ୍ଧୀ କଥା



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଜି ତିରୋଧାନ ଦିବସ। ବାପୁଜୀ ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକ ପାଳନ କରାଯିବା ସହ ଗାନ୍ଧୀକଥା ଆୟୋଜନ ହେବାକୁ ଯାଉଛି। ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ଶତବାର୍ଷିକୀ ପ୍ରତିପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତି ଲାଗି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୂଚନାଯୋଗ୍ୟ ଯେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଗାନ୍ଧୀଜୀ ପ୍ରଥମ ଓଡ଼ିଶା ଗସ୍ତ କରିଥିଲେ। ଏହି ପ୍ରଥମ ଗସ୍ତ ଅବସରରେ ସେ କଟକ, ଭଦ୍ରକ, ସାକ୍ଷୀଗୋପାଳ, ପୁରୀ ଓ ବ୍ରହ୍ମପୁରରେ ଆୟୋଜିତ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ହୋଇଥିଲା ଏବଂ ଏଥିରେ ହଜାର ହଜାର ସଂଖ୍ୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ। ଏହାପରେ ୧୯୪୬ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଗାନ୍ଧୀଜୀ ଆଉ ୭ଥର ଗସ୍ତ କରିଥିଲେ। ସେ ୧୩ଟି ଜିଲ୍ଲା ଗସ୍ତ କରିଥିଲେ ମଧ୍ୟ ବର୍ତ୍ତମାନର ୩୦ଟି ଜିଲ୍ଲାରେ ତାଙ୍କ ଗସ୍ତର ବ୍ୟାପକ ପ୍ରଭାବ ପଡ଼ିଥିଲା। ଫଳରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ଲକ୍ଷାଧିକ ଲୋକ ସାମିଲ ହେବା ସହ ଶତାଧିକ ସହିଦ ହୋଇଥିଲେ। ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରିଥିଲେ। ଏହାଛଡ଼ା ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଭାବ ଓଡ଼ିଶାରେ ସମାଜସେବା ଓ ସଂସ୍କାର କ୍ଷେତ୍ରରେ ମଧ୍ୟ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ବିଭିନ୍ନ ବିଭାଗ ସହ ଯୋଗସୂତ୍ର ରକ୍ଷା କରି ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ, ସ୍ୱାଭିମାନ ଓ ସ୍ୱଦେଶୀ ଓ ସ୍ୱାବଲମ୍ବନଶୀଳତାର ବାର୍ତ୍ତାର ବ୍ୟାପକ ରୂପାୟନ ଲାଗି ଏହି ବୈଠକରେ ମତପ୍ରକାଶ ପାଇଛି। ପ୍ରାଥମିକରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ଯୁବ ସଙ୍ଗଠନ, କୃଷକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଗାନ୍ଧୀପ୍ରେମୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଜଡ଼ିତ କରି କମ୍ ଖର୍ଚ୍ଚରେ କିଭଳି ବ୍ୟାପକ ଗଣଜାଗରଣ ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ପ୍ରସଙ୍ଗରେ ଗାନ୍ଧୀଜୀ ଯାହା କରିଛନ୍ତି ଓ କହିଛନ୍ତି ଏବଂ ତାଙ୍କ ସହ ଯେତେ ପତ୍ର ବିନିମୟ ହୋଇଛି ସେ ସବୁକୁ ସଂଗ୍ରହ କରି ତାହାର ଓଡ଼ିଆ ଅନୁବାଦ ପୁସ୍ତକ ପ୍ରକାଶ କରିବା ଲାଗି ମଧ୍ୟ ପ୍ରସ୍ତାବ ଆସିଛି। ଏହାଛଡ଼ା ଗାନ୍ଧୀ, ୧୫୦ କାର୍ଯ୍ୟକ୍ରମରେ ପ୍ରତି ବ୍ଲକରେ ଆଦର୍ଶ ପଞ୍ଚାୟତ ସ୍ଥାପନ କରି ଗ୍ରାମ ସ୍ୱରାଜର ଠିକଣା ପରିପ୍ରକାଶ ଲାଗି ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହି ସ୍ମରଣୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପାଇଁ ମାର୍ଚ୍ଚ ୨୩ରେ କଟକରେ, ମାର୍ଚ୍ଚ ୨୫ ଭଦ୍ରକରେ, ମାର୍ଚ୍ଚ ୨୭ ସତ୍ୟବାଦୀରେ, ମାର୍ଚ୍ଚ ୨୮ ପୁରୀରେ ଓ ମାର୍ଚ୍ଚ ୩୦ରେ ବ୍ରହ୍ମପୁରରେ ସଭା ପଦଯାତ୍ରାର ଆୟୋଜନ ହେଉଛି। ଆଜିର ସମୟରେ ଗାନ୍ଧିଜୀଙ୍କ ମୂଲ୍ୟବୋଧ ଓ ତାଙ୍କର ଅବଦାନ ପ୍ରତିଟି ଭାରତୀୟଙ୍କ ପାଇଁ ଆଦର୍ଶର ମହାମନ୍ତ୍ର ପାଲଟିଛି। ଆସନ୍ତୁ ଆଜିର ପବିତ୍ର ଦିନରେ ଦେଶ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ଓ ସେବା ସହ ମହାତ୍ମା ଗାନ୍ଧୀଙ୍କ ପ୍ରତିଟି ବାଣୀକୁ ନିଜ ଜୀବନରେ ପ୍ରତିଫଳିତ କରିବା ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ: ୯୯୩୭୧୭୨୮୧୦

# କୁଷ୍ଠରୋଗୀଙ୍କ ସେବା: ଭଗବାନଙ୍କ ସେବା



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ମଜବୁତ କରିବା ସହ ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ସାଧାରଣରେ କୁଷ୍ଠ ରୋଗ ଆଉ ଅଛୁଆଁ ହୋଇ ରହିନାହିଁ। ସାଧାରଣତଃ ଏହା କୁଷ୍ଠ ମାଇକୋବ୍ୟାକ୍ଟେରିଅମ ଲେପ୍ରି ଓ ମାଇକୋବ୍ୟାକ୍ଟେରିଅମ୍ ଲେପ୍ରୋମାଟୋସିସ୍ ନାମକ ଦୁଇ ପ୍ରକାର ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ଆମ ଶରୀର ଏହି କୁଷ୍ଠ ରୋଗ ଜୀବାଣୁକୁ ନଷ୍ଟ କରିଦେଇଥାନ୍ତି। ଏଣୁ ବହୁତ କମ୍ ଲୋକ ଏହି ରୋଗରେ ପଡ଼ିଥାନ୍ତି। ଏହି ରୋଗ ତିନି ପ୍ରକାରର ଦେଖାଯାଇଥାନ୍ତି। ସେଥିଭିତରୁ ଗୋଟିଏ ହେଉଛି ସ୍ନାୟୁ କୁଷ୍ଠ ରୋଗ। ଯାହାକି ପ୍ରଭାବିତ ଅଙ୍ଗଗୁଡ଼ିକର ସମ୍ବେଦନଶୀଳତାକୁ ନଷ୍ଟ କରିଦିଏ। ପ୍ରଭାବିତ ଅଞ୍ଚଳକୁ କାଟିଲେ କିମ୍ବା ଚିମୁଟିଲେ ମଧ୍ୟ ରୋଗୀ କିଛି ଜାଣି ପାରନ୍ତି ନାହିଁ ଅର୍ଥାତ୍ ରୋଗୀ ପ୍ରଭାବିତ ସ୍ଥାନରେ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ। ସେହିପରି ଆଉ ଗୋଟିଏ ହେଉଛି ଗ୍ରନ୍ଥି କୁଷ୍ଠ ରୋଗ, ଏହା ମଣିଷ ଶରୀରରେ ବିଭିନ୍ନ ରଙ୍ଗର ଦାଗ ସହିତ କେତେକ କ୍ଷେତ୍ରରେ ଘା'ମଧ୍ୟ ସୃଷ୍ଟି କରିଥାଏ। ତେବେ ମିଶ୍ରିତ କୁଷ୍ଠ ରୋଗ ହେଉଛି ଏହା ପ୍ରଭାବିତ ସ୍ଥାନରେ ସମ୍ବେଦନଶୀଳତା ନଷ୍ଟ କରିବା ସହ ଦାଗ ମଧ୍ୟ ହୋଇଥାଏ। କୁଷ୍ଠ ରୋଗର ସଂକ୍ରମଣର କାରଣ ଏଯାଏ ଜଣାପଡ଼ିନାହିଁ କିନ୍ତୁ ଏହା ଜୀବାଣୁ ଦ୍ୱାରା ହୋଇଥାଏ। ଯେତେବେଳେ କୁଷ୍ଠ ରୋଗର ଜୀବାଣୁ ଶରୀରରେ ପ୍ରବେଶ କରେ ଏହା ମରିଯାଏ। କିନ୍ତୁ ଯେଉଁମାନଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ସେମାନଙ୍କ କ୍ଷେତ୍ରରେ ଏହା ଦେଖାଯାଇନଥାଏ। ସେମାନେ ଏହି ରୋଗରେ ଆକ୍ରାନ୍ତ ହେବାର ବଡ଼ ସମ୍ଭାବନା ଥାଏ। ଏହାଛଡ଼ା ପର୍ଯ୍ୟାପ୍ତ ପରିମାଣର ପୌଷ୍ଟିକ ଆହାର ନମିଳିବା ଏବଂ ଦୀର୍ଘ ସମୟ ଧରି ଦୂଷିତ ଖାଦ୍ୟ ଖାଇବା ଦ୍ୱାରା କୁଷ୍ଠରୋଗ ହେବାର ଆଶଙ୍କା ଥାଏ। କୁଷ୍ଠ ରୋଗର ଲକ୍ଷଣ ହେଉଛି ଏହି ରୋଗ ପ୍ରାରମ୍ଭରେ ଆଦୌ ଲକ୍ଷଣଯୁକ୍ତ ହୁଏ ନାହିଁ। କୁଷ୍ଠରୋଗୀ ମାନଙ୍କୁ ନେଇ ଆମ ମାନଙ୍କ ଭିତରେ ସେପରି ଭ୍ରାନ୍ତ ଧାରଣା ରହିବା କଥା ନୁହେଁ। ଜଣେ ରୋଗୀକୁ ପ୍ରାଥମିକ ଅବସ୍ଥାରେ ଡାକ୍ତରୀ ପରାମର୍ଶ ସହ ପରୀକ୍ଷା ନିରୀକ୍ଷା ଓ ନିୟମିତ ଔଷଧପତ୍ର ସେବନ କରିବା ଉଚିତ। ଏହା ସହ ସ୍ୱାସ୍ଥ୍ୟ ପରିବେଶ ଭିତରେ ନିୟମିତ ଡ୍ରେସିଂ କରିବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ ହେବା ଉଚିତ। ଆଜି କୁଷ୍ଠ ନିରୋଧ ଦିବସ ଅବସରରେ ଆସନ୍ତୁ ଆଜି ଆମେ ସମସ୍ତେ କେବଳ ସରକାର ବା ପ୍ରଶାସନର ଦୋଷ ନଦେଇ ନିଜ ସୀମିତ ସାଧ୍ୟମତେ ଆମ ଆଖପାଖରେ ଥିବା କୁଷ୍ଠ ରୋଗୀଙ୍କ ସେବା କରିବା ଏବଂ ଆଜିର ଦିନ ଜାତିର ଜନକ ବାପୁଜୀଙ୍କ ତିରୋଧାନ ଦିବସ ହୋଇଥିବାରୁ ଓ ବାପୁଜୀ କୁଷ୍ଠରୋଗୀ ମାନଙ୍କ ସେବାକୁ ଅତ୍ୟନ୍ତ ଆନନ୍ଦର ସହିତ ସେବା କାର୍ଯ୍ୟ ବୋଲି ବିଚାର କରିଥିବାରୁ ଆମ୍ଭମାନଙ୍କର ଏହି ଦିବସର ସଂକଳ୍ପ ପୂଜ୍ୟ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**, ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,
E-mail : dillip777kumar@gmail.com

# ଗାନ୍ଧିଜୀ ଥିଲେ ପ୍ରଥମ ସର୍ବଭାରତୀୟ ନେତା





ସୂର୍ଯ୍ୟାସ୍ତ ବିହୀନ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସତ୍ୟ, ଅହିଂସା, ପ୍ରେମ ଓ ସର୍ବୋଦୟର ମହତ୍ତମ ଭାବନାରୁ ଉତ୍ପନ୍ନ ଅତୁଳନୀୟ ଶକ୍ତିର ପ୍ରୟୋଗ କରି ଭାରତବର୍ଷକୁ ସ୍ୱରାଜ୍ୟ ଆଣି ଦେଇଥିବା ମହାମାନବ ମହାତ୍ମା ଗାନ୍ଧୀଙ୍କ ଚିନ୍ତା-ଚେତନା କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ତଥା ସମ୍ମାନୀତ ସ୍ଥାନ ଅଧିକାର କରିଛି। ଗାନ୍ଧିଜୀଙ୍କ ଯୋଗୁ ଓଡିଶାର ବିଭିନ୍ନ ପ୍ରସଙ୍ଗ ସର୍ବଭାରତୀୟ ସ୍ତରରେ ଉତ୍ଥାପିତ ହେବା ସମ୍ଭବ ହୋଇପାରିଥିଲା। ସେହି କାରଣରୁ ସେ ଓଡିଶାବାସୀଙ୍କ ହୃଦୟକୁ ବିଜୟକରବା ସହ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। ସେ ଥିଲେ ପ୍ରଥମ ସର୍ବଭାରତୀୟ ନେତା ଯିଏ ଆନ୍ତରିକତାର ସହିତ ଓଡିଶାର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କ ପ୍ରତି ଦରଦ ପ୍ରକଟ କରିଥିଲେ। ୧୯୧୮ ଓ ୧୯୧୯ ମସିହାରେ ଯଥାକ୍ରମେ ଭୟଙ୍କର ମରୁଡି ଓ ବନ୍ୟା ଓଡିଶାର ଲୋକମାନଙ୍କ ମେରୁଦଣ୍ଡକୁ ଧ୍ୱଂସ କରିଦେଇଥିଲା। ଲୋକମାନଙ୍କ ଦୁରବସ୍ଥାକୁ ପରଖିବା ସହିତ କିଛି କରିବା ଥିଲା ତାଙ୍କର ୧୯୨୧ ମାର୍ଚ୍ଚମାସର ଓଡିଶା ଆଗମନର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଓଡିଶା ଆଗମନ ପୂର୍ବରୁ ଗୁଜୁରାଟ ପତ୍ରିକା 'ନବଜୀବନ'ରେ ସେ ଲେଖିଥିଲେ 'ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବୋଧହୁଏ ଜାଣିନଥିବେ, ଓଡିଶା କେଉଁଠି ?' ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ତାଙ୍କର ଏକ କବିତା 'ଉତ୍କଳ' ଆଖ୍ୟାନରେ ଓଡିଶାକୁ ପ୍ରସିଦ୍ଧ କରିଛନ୍ତି। ଦୁର୍ଭିକ୍ଷ ସମୟରେ ପୁରୀ ଜିଲ୍ଲାରେ ଲୋକେ ପୋକ ମାଛି ପରି ମୃତ୍ୟୁମୁଖରେ ପଡିଥିବା ସମ୍ବାଦ ପାଇବା ମାତ୍ରେ ଓଡିଶାକୁ ସାହାଯ୍ୟ ଓ ସହାୟତାର ହସ୍ତ ପ୍ରସାରିତ କରି ନିଜର ଅତ୍ୟନ୍ତ ଅନୁଗତ ସହକର୍ମୀ ଠକ୍କର ବାପାଙ୍କୁ ଗୁଜୁରାଟ ଲୋକଙ୍କଠାରୁ ୫୦,୦୦୦ଅର୍ଥ ସଂଗୃହିତ କରି ପଠାଇଥିଲେ। ଯାହାଥିଲା ସର୍ବ ଭାରତୀୟ ପ୍ରୀତିର ଏକ ବଳିଷ୍ଠ ଉଦାହରଣ। 'ଓଡିଶାର ଦୁର୍ଭିକ୍ଷ ସମୟରେ ଏହି ରାଜ୍ୟର ଦାରିଦ୍ର୍ୟ କେତେ ମୁଁ ତାହା ଅନୁଭବ କରିଥିଲି। ଚମ୍ପାରଣ ଲୋକଙ୍କ ଭଳି ଅଧିକ ଦରିଦ୍ର ଲୋକ ଆଉ କେଉଁଠାରେ ନଥିବେ ବୋଲି ମୋର ଧାରଣା। ମାତ୍ର ଦାରିଦ୍ର୍ୟରେ ଓଡିଶା ଚମ୍ପାରଣ କୁ ବି ଟପିଯାଇଛି। ଏଠାରେ ଯାହା ଘଟିଛି ତାର ଯଦି ସ୍ଥାୟୀ ନିରାକରଣ ନହୁଏ ଏବଂ ଓଡିଶାର ପୀଡିତ ଲୋକେ ଖାଦ୍ୟ ବିନା ଉପବାସରେ ମୃତ୍ୟୁବରଣ କରନ୍ତି, ତେବେ ଆମେ ସ୍ୱରାଜ୍ୟ ପାଇଲୁକି ନାହିଁ ଏଥିରେ ଫରକ କଣ ?। ଯଥାର୍ଥ ସ୍ୱରାଜ୍ୟରେ କୌଣସି ଜଣେ ହେଲେ ଲୋକଙ୍କୁ ବିନା ଦୋଷରେ କିମ୍ବା ତାହାର ଇଛା ବିରୁଦ୍ଧରେ ଭୋକିଲା ରହିବାକୁ ଦିଆଯିବ ନାହିଁ'। ବାପୁଙ୍କର ଏହି ଭାବନା ତାଙ୍କୁ ଜଣେ ସର୍ବଭାରତୀୟ ନେତାର ମର୍ଯ୍ୟାଦା ଦେଇଛି। ଉତ୍କଳରେ ବାସକରି ସେଠାକାର ଲୋକମାନଙ୍କର ସେବା କରିବାକୁ ତାଙ୍କ ମନରେ ଥିବା ଆବେଗକୁ ସେ ବାରମ୍ବାର ପ୍ରକାଶ କରିବା ସହ ସେ ସର୍ବକାଳୀନ, ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ସେବକମାନଙ୍କ ଉଦ୍ୟମ ଫଳରେ ଓଡିଶାର ଦୁର୍ଦ୍ଦଶା ହଟାଇବାକୁ ଅହରହ ଉଦ୍ୟମ କରିଥିଲେ। ଜଣେ ସର୍ବଦଳୀୟ ନେତା ଭାବେ ତାଙ୍କ ପରାମର୍ଶ ରେ ତ୍ୟାଗ ତିତିକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ସି.ଏଫ. ଆଣ୍ଡ୍ରୁଜ୍ କିଛିମାସ ଓଡିଶାରେ ଅବସ୍ଥାନ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହିତ ବନ୍ୟା ପ୍ରପିଡିତ ତଥା ଦରିଦ୍ର ଜନସାଧାରଣଙ୍କୁ ସେବା ପ୍ରଦାନ କରିଥିଲେ। ସେହିପରି ଜୀବରାମଜୀ କଲ୍ୟାଣଜୀ କୋଠାରି ନାମକ ଜଣେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶକ୍ରମେ ଏହି କୋଟି କଙ୍କାଳ ମାଟିରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଓଡିଶାର ପ୍ରଳୟଙ୍କରୀ ବନ୍ୟାକୁ ସୁଧାରିବା ପାଇଁ ମହାତ୍ମା ଗାନ୍ଧୀ ବିଶିଷ୍ଟ ଯନ୍ତ୍ରୀ ବିଶ୍ୱେଶ୍ୱର ରାୟଙ୍କୁ ନିମନ୍ତ୍ରଣ କରିଥିଲେ। ଶ୍ରୀଯୁକ୍ତ ରାୟ ଓଡିଶାରେ ବାର ଦିନ ଅବସ୍ଥାନ କରି ବିଭିନ୍ନ ସ୍ଥାନକୁ ବ୍ୟାପକ ଭାବେ ପରିଦର୍ଶନ ଓ ଅନୁସନ୍ଧାନ କରି ତାଙ୍କର ସୁପାରିସ ପ୍ରଦାନ କରିବା ସହ ତାଙ୍କର ପାରିତୋଷିକ ଗ୍ରହଣ କରିନଥିଲେ। ଏପରିକି ନିଜର ଯାତାୟତ ଖର୍ଚ୍ଚ ମଧ୍ୟ ନେଇନଥିଲେ। ସେ ଦିନ ଗାନ୍ଧୀ କହୁଥିଲେ-"Orissa is the poorest province in India and this can be easily removed if every one uses khadi." ମାତ୍ର ଆଜିର ରାଜନେତାମାନେ ଖଦୀ ପିନ୍ଧିବାକୁ ନାକ ଟେକୁଛନ୍ତି। ଆମ ଦେଶର ପ୍ରଧାନମନ୍ତ୍ରୀ ଆଜି ଲକ୍ଷ ଲକ୍ଷ ଟଙ୍କାର ପୋଷାକ ପିନ୍ଧିବା ସହ ଗରୀବଙ୍କ ପ୍ରତି ଏକପ୍ରକାରର ବିଦ୍ରୁପ କରୁଛନ୍ତି। ମାତ୍ର ନିଜର ଗଳାଫଟା ଭାଷଣରେ ଗାନ୍ଧୀଙ୍କ ଗୁଣ ଗାନ କରୁଥିଲେ ମଧ୍ୟ ତାଙ୍କର କାଣିଚାଏ ଗୁଣକୁ ନିଜ ଜୀବନରେ ପ୍ରତିଫଳନ କରିପାରିନାହାଁନ୍ତି। ଗାନ୍ଧୀ ଏକ ଧାରାରେ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ମହାନ ସମାଜ ସଂସ୍କାରକ ଏବଂ ଶିକ୍ଷା ସଂସ୍କାରକ। 'ମାଂଚେଷ୍ଟର ଗାଡିଆନ୍' ରେ ରାଜନୀତିଜ୍ଞ ମାନଙ୍କ ମଧ୍ୟରେ ସନ୍ଥ ଓ ସନ୍ଥ ମାନଙ୍କ ମଧ୍ୟରେ ରାଜନୀତିଜ୍ଞ ଭାବେ ଅଭିହିତ ଏହି ମହାମାନବଙ୍କ ସଂପର୍କରେ ଅଧ୍ୟୟନ ପାଇଁ ସର୍ବଭାରତୀୟ ସ୍ତରରେ ଆଠଗୋଟି ଶିକ୍ଷା-ପ୍ରତିଷ୍ଠାନ ସ୍ଥାପିତ ହୋଇଛି। ଏହି ମହା ମନୀଷି ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ରକରି ସମଗ୍ର ବିଶ୍ୱରେ ୩୫,୦୦୦ରୁ ଅଧିକ ଗବେଷଣାତ୍ମକ ପୁସ୍ତକ ରଚିତ ହୋଇଛି, ଯାହା ସୂଚିତ କରେ ଯେ ମହାତ୍ମାଗାନ୍ଧୀ କେବଳ ସମଗ୍ର ବିଶ୍ୱର ସର୍ବାଧିକ ଚର୍ଚ୍ଚିତ ନାମ। ସେ ମଧ୍ୟ ଥିଲେ ଜଣେ ଯଥାର୍ଥ ଶିକ୍ଷକ ଓ ଉତ୍କୃଷ୍ଟ ଶିକ୍ଷାବିତ୍। ତାଙ୍କ ମତରେ କେବଳ ପଠନ, ଲିଖନ ଓ ଗଣିତ ଶିକ୍ଷା ଜ୍ଞାନର ପରିସୀମା ନୁହେଁ। ' ସା ବିଦ୍ୟା ଯା ବିମୁକ୍ତୟେ '। ଏହି ପ୍ରାଚୀନ ଆପ୍ତବାକ୍ୟର ଉଦ୍ଧାର କରି ଗାନ୍ଧିଜୀ ଉଲ୍ଲେଖ କରିଥିଲେ ଯେ ମୁକ୍ତିର ଅର୍ଥ କେବଳ ଆଧାତ୍ମିକ ମୁକ୍ତି ନୁହେଁ କି ବିଦ୍ୟାର ଅର୍ଥ କେବଳ ଅଧାତ୍ମିକ ଜ୍ଞାନ ନୁହେଁ। ମାନବର କଲ୍ୟାଣ ଓ ସେବା ପାଇଁ ଆବଶ୍ୟକ, ମାନବକୁ ସକଳ ପ୍ରକାର ଦାସତ୍ୱରୁ ମୁକ୍ତ କରାଇବା ପାଇଁ ଉପଯୋଗୀ ସମସ୍ତ ଜ୍ଞାନର ଉପାର୍ଜନ ହିଁ ପ୍ରକୃତ ଶିକ୍ଷା। **(ହରିଜନ, ୧୦ ମାର୍ଚ୍ଚ ୧୯୪୬)**। ଆମେରିକା ପରି ଛାତ୍ରମାନେ ଯେପରି ନିଜ ନିଜ ପଢାଖର୍ଚ୍ଚ ନିଜେ ବହନ କରି ନିଜର ବିଦ୍ୟାଧ୍ୟୟନକୁ ଜାରି ରଖିପାରିବେ ସେପରି ସ୍ୱାବଲମ୍ବୀ କରାଇବାର ଶିକ୍ଷା ପ୍ରତ୍ୟେକ ଶିକ୍ଷାୟତନରେ ଜରୁରୀ ବୋଲି ସେ ନିଜର ଦୃଢ ମତ ଦେଇଥିଲେ। ନିଜର ମାତୃଭାଷାକୁ ମର୍ଯ୍ୟାଦା ଦେଇ କହିଥିଲେ-"proper teaching of Mother-tongue is the foundation of all education." ମାତୃଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ସେ ସଦା ସର୍ବଦା କହୁଥିଲେ। ତାଙ୍କର ମହାମନ୍ତ୍ର ସମଗ୍ର ନାରୀ ଜାତିକୁ ତେଜୋଦୀପ୍ତା, ସବଳା ଓ ବହ୍ନିକନ୍ୟାରେ ପରିଣତ କରିଥିଲା। ତାଙ୍କ ମତରେ ନିଶାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରି ପ୍ରତ୍ୟେକ ରାଜ୍ୟ ଯଦି କର୍ମଚଂଚଳ ହୋଇଉଠେ ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଏ, ତେବେ ଅନଗ୍ରସରତା ଓ ଦାରିଦ୍ର୍ୟ ଆପଣାଛାଏଁ ଦୂରେଇଯିବ। ଗାନ୍ଧୀଙ୍କ ବିଚାରଧାରା, ନିତି ଆଦର୍ଶ, ଧାର୍ମିକ ଚିନ୍ତାଧାରା ତାଙ୍କୁ ଜଣେ ସର୍ବ ଭାରତୀୟ ନେତା ଭାବେ ସମଗ୍ର ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି, ଯାହା ଆମପାଇଁ ଗର୍ବ ଓ ଗୌରବର ବିଷୟ।

**ଉମାଶଙ୍କର ପ୍ରସାଦ**, ସ୍ତମ୍ଭକାର, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଚନ୍ଦ୍ରଭାଗା ମାଘମେଳା ନିମନ୍ତେ ପ୍ରସ୍ତୁତି ବୈଠକ

କୋଣାର୍କ (ପିଏନ୍)-ଚଳିତ ବର୍ଷ ମଧ୍ୟ କୋଭିଡ୍ କଟକଣା ମଧ୍ୟରେ ଆସନ୍ତା ଫେବୃୟାରୀ ମାସ ୦୬ ଓ ୦୭ ତାରିଖରେ ଅନୁଷ୍ଠିତ ହେବ ପୁରାଣପ୍ରସିଦ୍ଧ ଚନ୍ଦ୍ରଭାଗା ମାଘମେଳା । ଏଥି ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନିୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ନିମାପଡା ଏସଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋୟଙ୍କା, ଗୋପ, ନିମାପଡା, କାକଟପୁର ତହସିଲଦାର ଓ ବିଡିଓଙ୍କ ସମେତ ମେଳାର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧୀକାରୀମାନେ ଉପସ୍ଥିତ ରହି ମାଘମେଳା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଚନ୍ଦ୍ରଭାଗାର ପବିତ୍ର ତୀର୍ଥ ପୁଷ୍କରଣୀରେ ତିନି ଠାକୁର ମାଧିପୁରର ବାବା ତ୍ରିବେଣୀଶ୍ୱର, ସନ୍ଥପୁରର ଐଶାଣେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବଙ୍କ ରୀତିନୀତି, ପୂଜା ଓ ଶୋଭାଜାତ୍ରା ନିରାଡମ୍ବର ଭାବେ ସମ୍ପାଦନ କରିବା ପାଇଁ ଗୋପ-କୋଣାର୍କ, ନିମାପଡା, କାକଟପୁର ଓ ଅସ୍ତରଙ୍ଗ ତହସିଲଦାର ଏବଂ ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଛି । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋଭିଡ କଟକଣା ମଧ୍ୟରେ ଦୁଇଦିନିଆ ଏହି ମେଳା ମାତ୍ର ସ୍ୱଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ ଆୟୋଜିତ ହେବ । କରୋନା ସଂକ୍ରମଣ ଭୟ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ମେଳା ପଡିଆକୁ ଶ୍ରଦ୍ଧାଳୁ ନଆସିବା ପାଇଁ ବାରଣ କରାଯାଇଛି । ଚଳିତ ବର୍ଷ ବିନା ଭକ୍ତରେ ଶ୍ରୀଜିଉଙ୍କ ସ୍ନାନକାର୍ଯ୍ୟ ସମ୍ପାଦନ କରାଯିବା । କେବଳ ସେବାୟତ, ମେଳା ସହ ଜଡିତ ପ୍ରଶାସନିକ ଅଧିକାରୀ, ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱତନ୍ତ୍ର ପାସ ପାଇଥିବା ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କାହାରିକୁ ମେଳା ପଡିଅକୁ ଛଡାଯିବ ନାହିଁ । ପୂର୍ବବର୍ଷମାନଙ୍କ ପରି ମେଳା ପଡିଆରେ ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ ଚିକିତ୍ସା, ପରିବହନ, ଆଲୋକ, ସୁରକ୍ଷା, ଟ୍ରାଫିକ ଓ ଅପରାଧ ନିୟନ୍ତ୍ରଣ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ, ଷଷ୍ଠୀ ରାତିରେ ଚନ୍ଦ୍ରଭାଗା ମେଳାପଡ଼ିଆରେ ସମବେତ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପ୍ରଭୃତି ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦାନ କରିବା ପାଇଁ ସବୁ ବିଭାଗର ପ୍ରଶାସନିକ ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ କୋଣାର୍କର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ବିଗତବର୍ଷ ମାନଙ୍କରେ ମାଘମେଳାରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ମେଳାପଡ଼ିଆରେ ପ୍ରଶାସନ ଓ ଶ୍ରଦ୍ଧାଳୁ ମାନଙ୍କୁ ସହଯୋଗ କରିବା ପାଇଁ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମେଳାପଡ଼ିଆରେ ନିୟୋଜିତ କରିବାପାଇଁ ନିଷ୍ପତ୍ତି ନିଆଯାଇଛି ।

# ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉ ପୂଜାପଣ୍ଡା ନିଯୋଗର ବାର୍ଷିକ ମହୋତ୍ସବ



କେନ୍ଦ୍ରାପଡା (ପିଏନ୍): ପୌଷପୂର୍ଣ୍ଣିମା ଅବସରରେ ତୁଳସୀକ୍ଷେତ୍ରାଧିପତି ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୂଜାପଣ୍ଡା ନିଯୋଗର ୨ୟ ବାର୍ଷିକ ମହୋତ୍ସବ ଇଛାପୁରସ୍ଥିତ ଯାତ୍ରୀନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନିଯୋଗର ସଭାପତି ବାବାଜୀ ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ସାଧାରଣ ସମ୍ପାଦକ ପ୍ରମୋଦ କୁମାର କର ବାର୍ଷିକ ବୀବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଚ୍ଚାମୁଣ୍ଡାଇସ୍ଥିତ ରାଧାରମଣ ମଠର ମଠାଧୀଶ ଅସୀମାନନ୍ଦଜୀ ମହାରାଜ ଯୋଗଦେଇ ଆଜିର ଅବକ୍ଷୟମୁଖୀ ସମାଜରେ ବ୍ରାହ୍ମଣମାନଙ୍କ ଗୁରୁତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ବ୍ରାହ୍ମଣମାନେ ବେଦାଭିମୁଖୀ ନହୋଇ ନିମ୍ନଗାମୀ ହେଉଥିବାରୁ ଏହାକୁ ନେଇ ସେ ଉଦବେଗ ପ୍ରକାଶ କରିଥିଲେ। ନିଯୋଗର ପୂର୍ବତନ ସଭାପତି ନୃସିଂହ ପ୍ରସାଦ ପତ୍ରୀ ଯୋଗଦେଇ ମନ୍ଦିର ସେବାୟତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଦର୍ଶୀ କର, ମାଧବାନନ୍ଦ ପତ୍ରୀ, ପରୀକ୍ଷିତ କର ପ୍ରମୁଖ ମନ୍ଦିରର ସମସ୍ତ ସେବାୟତ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଶେଷରେ ଜ୍ୟୋତିଶଙ୍କର ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସହଯୋଗର ହାତ ବଢ଼ାଇଲେ ସାମାଜିକକର୍ମୀ



ଭୁବନେଶ୍ୱର (ପିଏନ୍): ବୟସ ପାଖାପାଖି ୭୭ ହେବ। ଭଲ ନାଁ ଅନ୍ତର୍ଯ୍ୟାମୀ ସାହୁ। ଶ୍ରୀ ସାହୁଙ୍କ ଘର ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗ୍ରାମରେ। ଗଛସାର୍ ନାମରେ ରାଜ୍ୟରେ ସେ ବେଶ୍ ସୁପରିଚିତ। ପରିବେଶ ସୁରକ୍ଷା ପାଇଁ ଅହରହ ଲଢେଇ କରୁଥିବା ଏ ପରିବେଶ ଯୋଦ୍ଧା ଆଗରେ ବୟସ ବି ହାର ମାନିଛି। ଛାତିରେ ଲାଗିଛି ଏକ ମେସିନ୍। ଆଗଭଳି ଶରୀରେ ବଳ ନଥିଲେ ବି ତଥାପି ସେ ହାର୍ ମାନିନାହାଁନ୍ତି। ଏ ବୟସରେ ନିଜ ଘରଦୁଆର ଛାଡ଼ି ସକାଳୁ ସନ୍ଧ୍ୟା ଯାଏଁ ଏ ଗାଁରୁ ସେ ଗାଁକୁ ବୁଲି ଗଛଟିଏ ଲଗାଇବା ହେଉ କି ମଞ୍ଜି ସଂଗ୍ରହ ହେଉ କି ଲୋକଙ୍କୁ ପରିବେଶ ପ୍ରତି ଜାଗ୍ରତ କରାଇବା ହେଉ ଏହା ତାଙ୍କର ନିତିଦିନିଆ କାର୍ଯ୍ୟ। ହାର୍ଟ ଅପରେସନ୍ ଯେଗୁଁ ଜୋର୍‌ରେ କଥା କହିବାକୁ ଡ଼ାକ୍ତର ବାରଣ କରିଥିବାରୁ ପରିବେଶ ସମ୍ବନ୍ଧୀୟ ଅନୁଭୂତି, ବିଭିନ୍ନ ସମସ୍ୟା, କ୍ଷୟକ୍ଷତି, ଅଗ୍ରଗତି, ଜନସାଧାରଣଙ୍କ ପରିବେଶ ପ୍ରତି କର୍ତ୍ତବ୍ୟ, ଜଙ୍ଗଲ ପୋଡ଼ି ଇତ୍ୟାଦି ସମ୍ପର୍କରେ ବିଭିନ୍ନ ବିଷୟବସ୍ତୁକୁ କିପରି ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ ସେ ଚିନ୍ତାରେ ପଡ଼ିଯାଇଥିଲେ ଗଛସାର୍। ଏବେ ସେ ଚିନ୍ତା ଦୂର ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଏକ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ଲୁଟୁଥ୍ ସ୍ପିକର ଗଛସାର୍‌ଙ୍କୁ ପ୍ରଦାନ କରିଛନ୍ତି। ଏହି ଯନ୍ତ୍ରଟିରେ ଭଏସ୍ ରେକର୍ଡ଼ିଂ ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଛି। ଯାହା ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ସ୍ଥାପିତ ଘୋଡ଼ା ସମ୍ମୁଖରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଗଛସାର୍‌ଙ୍କୁ ଏହି ମେସିନ୍‌ଟି ପ୍ରଦାନ କରାଯାଇଛି। ଏହି ମେସିନ୍‌ଟି ମୋର କାର୍ଯ୍ୟକୁ ଆଉ ଗୋଟିଏ ପାଦ ଆଗକୁ ନେବ ବୋଲି 'ଗଛସାର୍' ଆଶାପ୍ରକଟ କରିବା ସହ ଉପସ୍ଥିତ ସାମାଜିକ କର୍ମୀଙ୍କୁ ସାଧୁବାଦ ଜଣାଇଥିଲେ।




# ଅଙ୍ଗନବାଡି ଖାଦ୍ୟ ବଂଟନରେ ଅନିୟମିତା, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ସରକାର ଦେଶରେ ମା ଓ ଶିଶୁର ସୁରକ୍ଷା ପାଇଁ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ତାହା କାଗଜ କଲମରେ ସିମୀତ ହୋଇ ରହିଛି . ଏପରିକି ମଧ୍ୟ ଜନ ସାଧାରଣ ଅଭିଯୋଗ କରି ବିଚାର ପାଇଁ ଦୀର୍ଘ ସମୟ ପଡି ରହିବା ଯାହାକି ଏକ ପରିତାପର ବିଷୟ ? ଏହାର ନିଚ୍ଛକ ଉଦାହରଣ ହେଉଛି ବେଗୁନିଆ ବ୍ଲକ ପୋଡାଡିହ ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ମୌଜାର ଅଙ୍ଗନବାଡି କର୍ମୀ ଶାନ୍ତିଲତା ସାହୁ ଖାଦ୍ୟ ବଂଟନରେ ଅନିୟମିତତାକୁ ନେଇ ଅଟଳ ମହାପାତ୍ରଙ୍କ ଧର୍ମପତ୍ନୀ ଜ୍ୟୋର୍ତିମୟୀ ଜିଲ୍ଲାପାଳଙ୍କ ନିକଟରେ ଗତ ମେ ମାସ ୨୦୧୯ ମସିହାରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କ ସୂଚନା ୨୦୧୭ ମସିହା ଠାରୁ ୫ ମାସ ପର୍ଯ୍ୟନ୍ତ ପୃଷ୍ଟିକର ଖାଦ୍ୟ ଦେଇଥିବା ବେଳେ ପରବର୍ତୀ ସମୟରେ ବିଭିନ୍ନ ବାହାନାର ଆଳ ଦେଖାଇ ତାଙ୍କର ନାମ କଟିଯାଇଥିବାର କହିଥିଲେ । ଏ ନେଇ ଶ୍ରୀମତୀ ମହାପାତ୍ର ଜିଲ୍ଲାପାଳ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ନିକଟରେ ଅଭିଯୋଗ ପାଇ ରଞ୍ଜୁବାଳା ସାହୁ ଘଟଣା ସ୍ଥଳରେ ପହଂଚି ସମସ୍ୟା ସମାଧାନ ଲାଗି ଚେଷ୍ଟା କରିଥିଲେ ମଧ୍ୟ ଏଥିରେ ଅସଫଳ ହୋଇଥିଲେ । ଏହି ଘଟଣା ସମ୍ପର୍କରେ ଆମ ପ୍ରତିନିଧି ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଆସନ୍ତା ଫେବୃୟାରି ମାସ ୧ ତାରିଖ ଦିନ କିଛି ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ଅଭିଯୋଗକାରୀଙ୍କ ଘରକୁ ଯାଇ ଖାଦ୍ୟ ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି ।

# ୧୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର , (ପି.ଏନ): ପଶ୍ଚିମ ବଙ୍ଗର ଖଡ଼ଗପୁର ରେଳମଣ୍ଡଳ ଅନ୍ତର୍ଗତ ହିଜଲି ଷ୍ଟେସନ୍ ଠାରେ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥରୁ ଛାଡୁଥିବା / ଆସୁଥିବା ଏବଂ ଏହା ମଧଦେଇ ଯାତାୟାତ କରୁଥିବା ୧୨ଟି ଟ୍ରେନ ବାତିଲ ରହିବ। ସେହିପରି ୪ ଟି ଟ୍ରେନ୍ ଆଂଶିକ ବାତିଲ ହେବାକୁ ଥିବା ବେଳେ ଗୋଟିଏ ଟ୍ରେନ୍ ର ଗତିପଥ ପରିବର୍ତନ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୨୮୨୧/୧୨୮୨୨ ଶାଳିମାର-ପୁରୀ-ଶାଳିମାର ଧଉଳୀ ଏକ୍ସପ୍ରେସ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ରହିବ। ୧୨୦୭୩/ ୧୨୦୭୪ ହାଓଡ଼ା-ଭୁବନେଶ୍ୱର-ହାଓଡ଼ା ଜନ ଶତାବ୍ଦୀ ଏକ୍ସପ୍ରେସ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ହୋଇ ରହିବ । ୧୮୦୩୭/ ୦୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ଼ ଏକ୍ସପ୍ରେସ ଯାଜପୁର କେନ୍ଦୁଝର ରୋଡ଼ ଠାରୁ ୩୧ ଜାନୁୟାରୀରୁ ୩ ଫେବୃଆରୀ ପର୍ଯ୍ୟନ୍ତ ଏବଂ ଖଡ଼ଗପୁରରୁ ୧ ରୁ ୫ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ହୋଇ ରହିବ।୧୮୦୪୫/୧୮୦୪୬ ଶାଳିମାର-ହାଇଦ୍ରାବାଦ-ଶାଳିମାର ଇଷ୍ଟକୋଷ୍ଟ ଏକ୍ସପ୍ରେସ ଶାଳିମାର ଠାରୁ ୧ ରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଏବଂ ହାଇଦ୍ରାବାଦରୁ ୩୧ ଜାନୁୟାରୀରୁ ୩ ଫେବୃଆରୀ ପର୍ଯ୍ୟନ୍ତ ବାତିଲ ହୋଇ ରହିବ। ୨୨୮୫୩/୨୨୮୫୪ ଶାଳିମାର-ବିଶାଖାପାଟନମ୍-ଶାଳିମାର ଏକ୍ସପ୍ରେସ ୧ ଫେବୃଆରୀ ଦିନ ଶାଳିମାରରୁ ଏବଂ ୨ ଫେବୃଆରୀ ଦିନ ବିଶାଖାପାଟନମରୁ ବାତିଲ ହୋଇ ରହିବ।୧୨୮୮୧/୧୨୮୮୨ ଶାଳିମାର-ପୁରୀ-ଶାଳିମାର ଏକ୍ସପ୍ରେସ ଶାଳିମାର ଠାରୁ ୦୧ ଏବଂ ୩ ଫେବୃଆରୀ ଦିନ ଏବଂ ପୁରୀ ଠାରୁ ୩୧ ଜାନୁୟାରୀ ଏବଂ ୨ ଫେବୃଆରୀ ଦିନ ପୁରୀରୁ ବାତିଲ ହୋଇ ରହିବ ।୧୨୨୪୫/୧୨୨୪୬ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ ହାଓଡ଼ା ଠାରୁ ୦୧ ଓ ୫ ଫେବୃଆରୀ ଦିନ ଏବଂ ଯଶୋବନ୍ତପୁର ଠାରୁ ୩୧ ଜାନୁଆରୀ ଏବଂ ୩ ଫେବୃଆରୀ ଦିନ ବାତିଲ ରହିବ।୨୨୮୩୫/ ୨୨୮୩୬ ଶାଳିମାର-ପୁରୀ-ଶାଳିମାର ଏକ୍ସପ୍ରେସ ଶାଳିମାର ଠାରୁ ୨ ଫେବୃଆରୀ ଦିନ ଏବଂ ପୁରୀ ଠାରୁ ୧ ଫେବୃଆରୀ ୨ ଦିନ ବାତିଲ ରହିବ। ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେଶାଲ ୩ ଫେବୃଆରୀରେ ଭଞ୍ଜପୁରରୁ ଏବଂ ୪ ଫେବୃଆରୀରେ ପୁରୀରୁ ବାତିଲ ରହିବ।୨୨୮୭୪/୨୨୮୭୩ ବିଶାଖାପାଟନମ୍-ଦିଘା-ବିଶାଖାପାଟନମ୍ ଏକ୍ସପ୍ରେସ ୩ ଫେବୃଆରୀରେ ବିଶାଖାପାଟନମରୁ ଏବଂ ୪ ଫେବୃଆରୀ ରେ ଦିଘା ଠାରୁ ବାତିଲ ହୋଇ ରହିବ।୧୨୮୯୫/ ୧୨୮୯୬ ଶାଳିମାର-ପୁରୀ-ଶାଳିମାର ଏକ୍ସପ୍ରେସ ୪ ଫେବୃଆରୀରେ ଶାଳିମାରରୁ ଏବଂ ୩ ଫେବୃଆରୀ। ୨୨୬୦୫/୨୨୬୦୬ ପୁରୁଲିଆ - ଭିଲୁପୁରମ୍-ପୁରୁଲିଆ ଏକ୍ସପ୍ରେସ ୪ ଫେବୃଆରୀରେ ପୁରୁଲିଆରୁ ଏବଂ ୨ ଫେବୃଆରୀରେ ଭିଲୁପୁରମରୁ ବାତିଲ ହୋଇ ରହିବ।

ଖଡ଼ଗପୁର ଏବଂ ବାଙ୍ଗାଲୋର ରଲମଣ୍ଡଳ ଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣକୁ ଦୃଷ୍ଟିରେ ରଖି ଫଲକନୁମା ଏକ୍ସପ୍ରେସ ଏବଂ ପ୍ରଶାନ୍ତି ଏକ୍ସପ୍ରେସକୁ ଆଂଶିକ ବାତିଲ କରାଯିବାକୁ ଏବଂ ପୁରୀ-ଯଶୋବନ୍ତପୁର ଏକ୍ସପ୍ରେସକୁ ପରିବର୍ତିତ ମାର୍ଗରେ ନିମ୍ନଲିଖିତ ଅନୁଯାୟୀ ଚଳାଚଳ କରାଯିବାକୁ ନିଷ୍ପତି ନିଆଯାଇଛି। ୪ ଫେବୃଆରୀରେ ପୁରୀରୁ ଏବଂ ୫ ଫେବୃଆରୀ ୨୦୨୨ ରେ ୟେସନ୍ତପୁରରୁ ଛାଡିବାକୁ ଥିବା ୨୨୮୮୩/୨୨୮୮୪ ପୁରୀ-ଯଶୋବନ୍ତପୁର-ପୁରୀ ଏକ୍ସପ୍ରେସ ଏହାର ନିର୍ଧାରିତ ମାର୍ଗ ପରିବର୍ତେ ଯଶୋବନ୍ତନ୍ତପୁର- ବାଙ୍ଗାରାପେଟ - ଜୋଲାରପେଟାଇ - ରେନିଗୁଂଟା - ଗୁଡୁର - ବିଜୟୱାଡା ମାର୍ଗରେ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ ଏବଂ ଏହା ୟେଲହଙ୍କା, ହିନ୍ଦୁପୁର, ଧର୍ମାଭରମ, ଅନନ୍ତପୁର, ଧୋନ, ମାରକାପୁର ରୋଡ଼, ନରସାରାଓପେଟ ଏବଂ ଗୁଂଟୁର ଷ୍ଟେସନ ମାନଙ୍କଠାରେ ରହଣି କରିବ ନାହିଁ ।

## ଭୁବନେଶ୍ୱର ୩୦ ନଂ ଜୋନର ବିଜୁ ଜନତା ଦଳର ନିର୍ବାଚନ ଆୟୋଗଙ୍କ ନିୟମ ଉଲଘଂନ

ଭୁବନେଶ୍ୱର, (ପି.ଏନ): ଗତ ଦୁଇଦିନ ଧରି ଭୁବନେଶ୍ୱର, ୩୦ନଂ ଜୋନର ବିଜୁ ଜନତା ଦଳର ପ୍ରାର୍ଥିନୀ ବବିତା ରାଉତ ଶତାଧିକ କର୍ମୀଙ୍କ ଗହଣରେ ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ଅର୍ଥାତ ପଦଯାତ୍ରା ଓ କର୍ମୀସମ୍ମିଳନୀ କରିଥିଲେ। ଆଜି ଦୁଇ ତିନି ଜଣ ପୂର୍ବତନ କର୍ପୋରେଟର ବିଜୁ ଛାତ୍ର ଜନତା ଦଳର ସୁବାଷ ସାହୁ, ପୂର୍ବତନ ୩୦ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତଙ୍କ ସହିତ ବିଜୁ ଜନତା ଦଳର ଶତାଧିକ କର୍ମୀଙ୍କ ଗହଣରେ ତାଙ୍କର ପ୍ରଚାର କାର୍ଯ୍ୟ ଜାରିରଖିଛନ୍ତି ।ନିର୍ବାଚନ ଆୟୋଗ ଘୋଷଣା କରିଥିବା ମହାମାରୀ କରୋନା ନିୟମକୁ ସିଧାସଳଖ ଭାବରେ ସେମାନେ ଉଲଘଂନ କରିଛନ୍ତି ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଓ ଭୁବନେଶ୍ୱର ଉତର ଦାୟୀତ୍ୱରେ ଥିବା ବ୍ଲକ ସଭାପତି ଅଶୋକ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ମାଧ୍ୟମରେ ବିଜୁ ଜନତା ଦଳ ସରକାରରେ ଥାଇ ଏଭଳି କାର୍ଯ୍ୟ କରିଥିବାରୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ଅଶୋକ ଦାସଙ୍କ ନେତୃତ୍ୱରେ କୋଭିଡ-୧୯ ର ନିୟମ ଅନୁଯାୟୀ ଏକ ଚାରିଜଣିଆ ପ୍ରତିନିଧି ଦଳ ବ୍ଲକ ସଭାପତି ମନୋରଞ୍ଜନ ଜେନା,ଶ୍ରୀ ବ୍ରହ୍ମାନନ୍ଦ ସାହୁ, ମିହିର ଆଚାର୍ଯ୍ୟ ପ୍ରମୁଖ ଆୟୋଗଙ୍କୁ ଭେଟି ନିର୍ବାଚନୀ ନିୟମର ଖୋଲାଖୋଲି ଉଲଘଂନ କରିଥିବାରୁ ବିଜେଡ଼ି ଦଳ, ୩୦ ନଂ ଜୋନର ପ୍ରାର୍ଥିନୀ ବବିତା ରାଉତ ଏବଂ ସଂପୃକ୍ତ ଅନ୍ୟ ବ୍ୟକ୍ତି ବିଶେଷ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଥିଲେ।

# ଗୋଟିଏ ଦିନରେ ୫୦୫୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୦୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୩୬୨୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୭୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୬୩ହଜାର ୩୯୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୪୨୧୭ ରହିଛି । ଆଜି ଚିହ୍ନଟ ହୋଇଥିବା ୫୦୫୭ ଜଣଙ୍କ ମଧ୍ୟରୁ ୨୯୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୧୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧୦ , ବାଲେଶ୍ୱର ଜିଲ୍ଲାରୁ ୨୦୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୪ , କଟକରୁ ୪୯୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୮, ଗଂଜାମ ଜିଲ୍ଲାରେ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୫, ଯାଜପୁରରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୯ , ଖୋର୍ଦ୍ଧାରୁ ୧୧୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୭୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୧୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୯୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୦୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୪୨୯, ଷ୍ଟେଟ୍ ପୁଲରୁ ୨୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ପୁରୀ- ଗାନ୍ଧୀଧାମ ଏକ୍ସପ୍ରେସରେ ଅଗ୍ନିକାଣ୍ଡ, କୌଣସି କ୍ଷୟକ୍ଷତି ନାହିଁ

ମୁମ୍ବାଇ/ ଭୁବନେଶ୍ୱର, (ପି.ଏନ): ଶନିବାର ଦିନ ମହାରାଷ୍ଟ୍ରର ନନ୍ଦୁରବର ଷ୍ଟେସନ ନିକଟରେ ଗାନ୍ଧୀଦାମ-ପୁରୀ ଏକ୍ସପ୍ରେସ ୧୨୯୯୩ର ଦୁଇଟି କୋଚରେ ହଠାତ୍ ଅଗ୍ନିକାଣ୍ଡ ଘଟିଛି। ନନ୍ଦୁରବର ଷ୍ଟେସନ ନିକଟରେ ଟ୍ରେନଟି ଅଟକି ରହିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବିଭାଗର ୪ ଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ତେବେ ଏହି ଘଟଣାରେ କ କୌଣସି କ୍ଷୟକ୍ଷତିର ଖବର ନାହିଁ। ନିଆଁ ଲାଗିବାର କାରଣ ସମ୍ପର୍କରେ ଜଣା ପଡି ନାହିଁ। ପଶ୍ଚିମ ରେଳ ମୁଖପାତ୍ର ସୁମିତ ଠାକୁର କହିଛନ୍ତି ଯେ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ ଗାନ୍ଧୀଧାମରୁ ପୁରୀ ଅଭିମୁଖେ ଯାଉଥିଲା। ଶନିବାର ସକାଳେ ହଠାତ୍ ଏହି ଟ୍ରେନର ପେଂଟ୍ରି ରେ ପ୍ରଥମ ଅଗ୍ନିକାଣ୍ଡ ଘଟିଥିଲା । ଏହି ସୂଚନା ପାଇବା ମାତ୍ରେ ଟ୍ରେନ୍ ନନ୍ଦୁରବର୍ ଷ୍ଟେସନ ପୂର୍ବରୁ ଅଟକି ରହିଥିଲା ଏବଂ ନିକଟସ୍ଥ ଏସି କୋଚ୍ ଅଲଗା ହୋଇଯାଇଥିଲା । ଏହା ପରେ ନିଆଁକୁ ଆୟତ୍ତ କରିଥିବା ଉଭୟ କୋଚ ଟ୍ରେନରୁ ଅଲଗା ହୋଇଥିଲେ ।ବର୍ତମାନ ସୁଦ୍ଧା, ଏହି ଖବର ଲେଖିବା କେହି ଯାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନାହାଁନ୍ତି । ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରୁଛନ୍ତି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ରେଲୱେ ସୂତ୍ରରୁ ପ୍ରକାଶ ଯେ, ଏହି ଘଟଣାର ଜାଂଚ କରାଯିବ ଓ ଯାହାଦ୍ୱାରା ଅଗ୍ନିକାଣ୍ଡର କାରଣ ଜଣାପଡିବ ।

# ନାବାଳିକା ଦୁଃଷ୍କର୍ମ ମାମଲାରେ ୬୩ ବର୍ଷୀୟ ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

ବାଲେଶ୍ୱର,(ପି.ଏନ): ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ତଥା ପକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଜଗଦୀସ ପ୍ରଧାନ ମହାନ୍ତି ଏକ ସମ୍ବେଦନ ସିଳ ମାମଲାରେ ବିଚାର କରି ଦୋଷିକୁ ୨୦ ବର୍ଷ ରେ ଦଣ୍ଡ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ୨୦୧୮ ମସିହା ୧୬ ତାରିଖରେ ବାଲିଆପାଳ ଥାନା ଅଞ୍ଚଳର ଜଣେ ୧୦ ବର୍ଷ ଦିବ୍ୟାଙ୍ଗ ନାବାଳିକାଙ୍କୁ ସେହି ଅଞ୍ଚଳର ମନମୋଥ ଜେନା (୬୩) ନାମକ ଜଣେ ବ୍ୟକ୍ତି ଦୁଷ୍କର୍ମ କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ୮ ମାସ ଫେରାର ରହିବା ପରେ ୨୦୧୯ ମସିହା ଜାନୁଆରୀ ୨୧ ତାରିଖରେ ଅଭିଯୁକ୍ତ ମନମୋଥ ଆତ୍ମସମର୍ପଣ କରିଥିଲା। ପିଡ଼ିତା ର ବାପାଙ୍କ ଅଭିଯୋଗ ମୂଳେ ଏ ସମ୍ପର୍କରେ ଅଭିଯୋଗ ମୂଳେ ୧୩୬/୨୦୧୮ ରେ ସ୍ୱତନ୍ତ୍ର ମାମଲା ଭାବେ ଅଦାଲତ ରେ ଗ୍ରହଣ କରାଯାଇଥିଲା। ଏହି ମାମଲା ର ବିଚାର କରି ଅଭିଯୁକ୍ତ ମନମୋଥକୁ ୩୭୬ (ଏବି) ୩୭୬ (୨) (ଆଇ ଓ ୬ ପକ୍ସୋ ଧାରାରେ ଦୋଷି ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନୁଯାଇ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟ ଶୁଣାଇଛନ୍ତି। ୨ ସରପଞ୍ଚ, ୩ ସମିତି ସଭ୍ୟ, ୪୫୦ ୱାର୍ଡ଼ ସଭ୍ୟ ନିର୍ଦ୍ୱୋନ୍ଦରେ ନିର୍ବାଚିତ।

# ନୂତନ ଶିକ୍ଷକଙ୍କୁ ସ୍କୁଲରେ ପୁରେଇ ଦେଲେନି, ଫାଟକରେ ତାଲା



ହାଟଡିହ(ପିଏନ)-) କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୁନ୍ଦରାପାଳ ସ୍କୁଲକୁ ନୂତନ ଭାବେ ବଦଳି ହୋଇ ଆସିଥିବା ଶିକ୍ଷକ ଜତୀନ୍ଦ୍ର ମଲିକଙ୍କୁ ଅଭିଭାବକମାନେ ସ୍କୁଲରେ ପୁରେଇ ଦେଲେନି । ଏପରିକି ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ । ଅଭିଭାବକଙ୍କ ଅଭିଯୋଗ ଅନୁସାରେ ଏହି ସ୍କୁଲରେ ପୂର୍ବରୁ ଶିକ୍ଷକ ଜତିନ୍ଦ୍ରଙ୍କ ସ୍ତ୍ରୀ ଶିକ୍ଷକତା କରୁଛନ୍ତି । ଏଥିସହ ତାଙ୍କ ନାମରେ ବହୁ ଅଭିଯୋଗ ରହିଛି । ତାଙ୍କ ବଦଳି ବାତିଲ ଦାବିରେ ଅଭିଭାବକମାନେ ଦୀର୍ଘ ସମୟ ଧରି ସ୍କୁଲ ଆଗରେ ଧାରଣା ଦେଇଥିଲେ । ଫଳରେ ଶିକ୍ଷକ ଜଣକ ଫେରି ଯାଇଥିବା ବେଳେ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଥିଲା । ବିଇଓ କ୍ଷୀରୋଦ ତ୍ରିପାଠୀ କହିଛନ୍ତି ଯେ ଖୁବ୍ ଶୀଘ୍ର ଅଭିଭାବକଙ୍କ ଅଭିଯୋଗ ଦିଗରେ ବିଚାର କରାଯିବ ।

## ପଥର ଗାଡି ଓ ବାଲି ବୋଝେଇ ଟ୍ରକ ଜବତ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ ଥାନା ଅଧିକାରୀ ବିଦିତା ନାୟକ ବେଆଇନ ବାଲି ଓ ଚୋରା କଳା ମୁଗୁନି ପଥର ୪ ଗୋଟି ଟ୍ରକ ଜବତ କରି ଜରିମନା ଆଦାୟ କରିଛନ୍ତି ।ଏହି ଜରିମନାର ପରିମାଣ ହେଉଛି ୪ ଲକ୍ଷ ୧୮ ହଜାର ୪୮୦ ଟଙ୍କା ।

## ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ସମିତି ସଭ୍ୟ ପ୍ରାର୍ଥୀ ପିଜି ଛାତ୍ର

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ହିରାପୁର ପଂଚାୟତର ଆଶୁତୋଷ ପାଟଶାଣୀ ପିଜି ସମ୍ପୂର୍ଣ୍ଣ କରି କେରଳର ଏକ ହୋଟେଲରେ କାର୍ଯ୍ୟ କରି ଆସୁଥିବା ବେଳେ ଚଳିତ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ସମିତି ସଭ୍ୟ ପ୍ରାର୍ଥୀ ଭାବରେ ଅଂଶ ଗ୍ରହଣ କରିଛନ୍ତି । ଜଣେ ଯୁବକ ଭାବରେ କର୍ମଠ,ନିରଳସ ଓ କର୍ତବ୍ୟ ପରାୟଣ ଯୋଗୁଁ ଲୋକମାନଙ୍କର ପ୍ରିୟଭାଜନ ହୋଇପାରିଛନ୍ତି । ବୋତଳମା ଓ ହିରାପୁର ପଂଚାୟତର ଅବିଭକ୍ତ ବରିଷ୍ଠ ସମ୍ପାଦକ କହିଛନ୍ତି ଯେ ପଂଚାୟତ ନିର୍ବାଚନରେ ଶ୍ରୀ ପାଟଶାଣୀ ନିର୍ବାଚିତ ହେଲେ ବହୁ ଜନହିତକର କାର୍ଯ୍ୟ କରିବେ ଅଶା ରଖିଛନ୍ତି ।

# ଷ୍ଟ୍ରିଟ ଲାଇଟ ଯୋଗାଣରେ ପାତରଅନ୍ତର : କାଳିକା ପ୍ରସାଦ ପଞ୍ଚାୟତ କାର୍ଯ୍ୟଳରେ ତାଲା ପକାଇଲେ ଗ୍ରାମବାସୀ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ କାଳିକା ପ୍ରସାଦ ପଞ୍ଚାୟତର ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି । ଷ୍ଟ୍ରିଟ ଲାଇଟ ଲଗାଯିବାର ପାତର ଅନ୍ତର ନୀତକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଲୋକଙ୍କୁ ସାମ୍ନା କରିବା ପୂର୍ବରୁ ପଞ୍ଚାୟତ କର୍ତୃପକ୍ଷ କାର୍ଯ୍ୟାଳୟରୁ ଛୁ ମାରିଛନ୍ତି । ମିଳିଥିବା ଖବର ଅନୁସାରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରତି ପଞ୍ଚାୟତକୁ ସୋଲାର ଷ୍ଟ୍ରିଟ ଲାଇଟ ଯୋଗାଇ ଦିଆଯାଇଥିବା ବେଳେ ଗ୍ରାମ ଗୁଡିକର ଆବଶ୍ୟକତାକୁ ଦୃଷ୍ଟି ରେ ରଖି ପଞ୍ଚାୟତ କର୍ତୃପକ୍ଷ ଏହି ଷ୍ଟ୍ରିଟ ଲାଇଟ ବସାଯିବାର ଯୋଜନା ରହିଛି । ମାତ୍ର



କାଳିକା ପ୍ରସାଦ ପଞ୍ଚାୟତର ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ତଥା ଷ୍ଟ୍ରିଟ ଲାଇଟ ବସାଯିବାର ପାତର ଅନ୍ତର କାର୍ଯ୍ୟ ଯୋଗୁଁ ଗ୍ରାମର ପାତ୍ର ସାହିକୁ ଗୋଟିଏ ହେଲେ ଷ୍ଟ୍ରିଟ ଲାଇଟ ଲଗାଯାଇନଥିବାରୁ ସାହିରେ ଅସନ୍ତୋଷ ପୁଞ୍ଜିଭୂତ ହୋଇଥିଲା । ସୂଚନା ଯୋଗ୍ୟ କି ଏହି ସାହିଟି କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲ ପାଖରେ ରହିଥିବାରୁ ବର୍ଷ ସାରା ଏଠାରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥାଏ । ସାହିରେ ମୁଖ୍ୟତଃ ହରିଜନ ସଂପ୍ରଦାୟ ଲୋକ ବସବାସ କରୁଥିଲେ ହେଁ ଏହି ସାହିକୁ ଗୋଟିଏ ହେଲେ ଷ୍ଟ୍ରିଟ ଲାଇଟ ଯୋଗାଇ ଦେବାକୁ ପଞ୍ଚାୟତ କର୍ତୃପକ୍ଷ ଗୁରୁତ୍ୱ ନଦେବାରୁ ଆଜି ସାହିବାସୀ ପଞ୍ଚାୟତ କାର୍ଯ୍ୟଳରେ ସରପଞ୍ଚଙ୍କୁ ଭେଟିବାକୁ ଚାହିଁ ଥିଲେ । ଦୀର୍ଘ ସମୟ ଧିରି ସରପଞ୍ଚ କିମ୍ବା ଅନ୍ୟ ଅଧକ୍ଷକ ପଞ୍ଚାୟତ କାର୍ଯ୍ୟଳରେ ପହଞ୍ଚି ନଥିବାରୁ ଲୋକେ ଉତ୍ୟକ୍ତ ହୋଇ କାର୍ଯ୍ୟଳରେ ବାହାର ଫାଟକରେ ତାଲା ପକାଇଦେଇଥିବା ଜଣାପଡିଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






# ବୈଦ୍ୟେଶ୍ୱର ପଞ୍ଚାୟତରେ ବିଜୁ ଛାତ୍ରଜନତାଦଳର କର୍ମୀ ସମ୍ମିଳନୀ



ବାଙ୍କୀ,(ପି.ଏନ): ବାଙ୍କୀ ବ୍ଲକଅନ୍ତର୍ଗତ ବୈଦ୍ୟେ୍ୱର ପଞ୍ଚାୟତ ଅମରନାଥ ଠାରେ ବିଜୁ ଛାତ୍ର ଜନତା ଦଳର ଏକ ନିର୍ବାଚନ କର୍ମୀସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଛାତ୍ରଜନତାଦଳର ତୃଣମୂଳ ସ୍ତରରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ କଟକ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଆସୀଫ୍ ଅମିନ୍ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାପଥର ଜୋନ୍‌ର ପର୍ଯ୍ୟବେକ୍ଷକ ବିକାଶ ପରିଜା, ବୈଦ୍ୟେଶ୍ୱର ବିଜେଡି ସରପଞ୍ଚ ସମର୍ଥିତ ପ୍ରାର୍ଥୀ ସୁରଞ୍ଜନ ପଣ୍ଡା, କଳାପଥର ଜୋନ୍‌ର ଜିଲ୍ଲା ପରିଷଦ ପ୍ରାର୍ଥିନୀ ରସ୍ମିତା ସାହୁ, ବୈଦ୍ୟେଶ୍ୱରର ସମିତି ସଭ୍ୟ ପ୍ରାର୍ଥୀ ମହେଶ୍ୱର ମହାପାତ୍ର ଏବଂ ବିଜୁ ଛାତ୍ର ଜନତାଦଳର କର୍ମୀମାନେ ଉପସ୍ଥିତ ଥିଲେ

## ସମ୍ମାନିତ ହେଲେ ୧୨ କରୋନା ଯୋଦ୍ଧା

ଖୋର୍ଦ୍ଧା,(ପି.ଏନ): କରୋନା ଭଳି ମହାମାରୀ ସମୟରେ ୨୦୨୦ ଠାରୁ ଏଯାବତ୍ ନିଷ୍ଠାପରଭାବେ ନିଜର କର୍ତବ୍ୟ ତୁଲାଇଥିବା ୧୨ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ପବିତ୍ର ସାଧରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି ।ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗ ର ଡାକ୍ତର ଦିଲିପ ପ୍ରଧାନ, ମାଇକ୍ରୋବାଇଲୋଜିଷ୍ଟ ଲଭଲୀ ଦାସ, ଲାବରୋଟାରୀ ଟେକନିସିଆନ ସୌମ୍ୟା ଶୁଭଦର୍ଶନୀ ନନ୍ଦ, ରୋକେୟା ମମତାଜ, ଉଲକା ମହାରଣା, ଦେବସ୍ମିତା ପୂଜା, ସାନିଟାରୀ ସୁପରଭାଇଜର ଉମେଶଚନ୍ଦ୍ର ସୁନ୍ଦରାୟ, କର୍ମଚାରୀ ଭାଗୀରଥି ନାୟକ, ଲଳିତା ନାୟକ, ନର୍ସିଂ ଅଫିସର ଶୁଶ୍ରୀ ସଙ୍ଗୀତା ପ୍ରିୟଦର୍ଶିନୀ, ଇଭାଞ୍ଜଳୀ ବାଗ, ଫାର୍ମାସିଷ୍ଟ ପ୍ରଭାକର ପଟ୍ଟନାୟକ ପ୍ରମୁଖ ରହିଥିଲେ । ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତବନ୍ଧୁ ନାୟକଙ୍କ ଦ୍ୱାରା ଏହି ଡାକ୍ତର ଓ କର୍ମଚାରୀଙ୍କ ନାଁ ଚୟନ କରାଯାଇଥିଲା । ଏହି ଡାକ୍ତର ଏବଂ କର୍ମଚାରୀମାନଙ୍କୁ ମୁଖ୍ୟଅତିଥି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଗୋପବନ୍ଧୁ ଶତପଥୀ ସମ୍ମାନିତ କରିଥିଲେ।

# ଭୁଷଣ୍ଡପୁର ପଂଚାୟତରେ ବିଜେଡ଼ି ସମର୍ଥୀତ ପ୍ରାର୍ଥୀଙ୍କ ଗ୍ରାମ ପରିଭ୍ରମଣ



ଚଣ୍ଡିଖୋଲ,(ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ଗ୍ରାମ ପଂଚାୟତର ବିଜେଡ଼ି ସମର୍ଥୀତ ସମିତି ସଭ୍ୟ ପ୍ରାର୍ଥୀ ଜଗନ୍ନାଥ ମୁଦୁଲୀ ଓ ସରପଂଚ ପ୍ରାର୍ଥୀ ଯଯାତି କେଶରୀ ରାଉତ ଆଜି ପଂଚାୟତ ନିର୍ବାଚନ ପ୍ରଚାରରେ ଯାଇଥିଲେ। ଆଜି ମହାଖଳା ଗ୍ରାମରେ ଥିବା ମା ବିଳାଶୁଣୀ ମନ୍ଦିରରେ ପୂଜାର୍ଚ୍ଚନା କରି ଗ୍ରାମ ପରିଭ୍ରମଣ କରିଥିଲେ। ତାଙ୍କ ସହିତ ଭରତ କୁମାର ସାହୁ, ଅଭିମନ୍ୟୁ ରାଉଳ, ପ୍ରଦୀପ୍ତ ମୁଦୁଲୀ, ଜ୍ଞାନ ରଞ୍ଜନ ରାଉତ, ଅଜିତ୍ ରାଉତ ପ୍ରମୁଖ ମହାଖଳା ଗ୍ରାମର ସମସ୍ତ ଭୋଟର ମାନଙ୍କ ଗୃହକୁ ଯାଇ ପରିବାରର ମୁଖ୍ୟଙ୍କୁ ଭେଟ କରି ସରପଂଚ ଓ ସମିତି ସଭ୍ୟଙ୍କ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ପରେ ସେହି ପଂଚାୟତର ଖଟୁଆ ପଡ଼ା, ଭୁଷଣ୍ଡପୁର ପ୍ରମୁଖ ଗ୍ରାମକୁ ଯାଇ ସମସ୍ତ ଭୋଟର ମାନଙ୍କୁ ଭେଟ କରି ଆସନ୍ତା ପଂଚାୟତ ନିର୍ବାଚନରେ ଆମକୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏବଂ ପ୍ରତ୍ୟେକ ଭୋଟରଙ୍କୁ ଚିହ୍ନ ଥିବା ପୁସିଂ କାର୍ଡ଼ ପଂଚାୟତର ଭୋଟର ମାନଙ୍କୁ ବଂଟନ କରିଥିଲେ। ପଂଚାୟତର ବିକାଶ ପାଇଁ ଆମେ ଚେଷ୍ଟିତ ହୋଇ ସମସ୍ତ ଭୋଟରମାନଙ୍କ ସେବାରେ ନିଜକୁ ନିୟୋଜିତ କରିବାପାଇଁ ପ୍ରକାଶ କରିଥିଲେ।

## ଧାନମଣ୍ଡି ଉଦଘାଟିତ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ସେବା ସମବାୟ ସମିତି ଲିଃ ଠାରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି ।ଏହାକୁ ଖୋର୍ଦ୍ଧା ସେବା ସମବାୟ ସମିତି ଲିଃ ସମ୍ପାଦକ ବିଶ୍ୱନାଥ ମହାରଣା ଉଦଘାଟନ କରିଥିଲେ। ଏଥିରେ ପୂର୍ବତନ ସଭାପତି ବିମଳ ଚନ୍ଦ୍ର ଷଡଙ୍ଗୀ, ଖୋର୍ଦ୍ଧା ପ୍ୟାକ୍ସ ବ୍ଲକ ସଭାପତି ଝଜ ସାମନ୍ତରାୟ, କାଇପଦର ସେବା ସମବାୟ ସମିତି ସହ ସଂପାଦକ କୈଳାସ ଶ୍ରୀଚନ୍ଦନ, କଁପୁର ସେବା ସମବାୟ ସମିତି ସଂପାଦକ ପ୍ରଭାତ କୁମାର ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ।

# ପ୍ରାକ୍ତନ ସରପଂଚଙ୍କ ବିୟୋଗରେ ଶୋକ ସଭା

ଚଣ୍ଡିଖୋଲ,(ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଂଚାୟତର ପୂର୍ବତନ ସରପଂଚ ଗଣେଶ୍ୱର ରାଉତଙ୍କ ବିୟୋଗରେ ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ଚଣ୍ଡିଖୋଲ ସ୍ଥିତ କଗ୍ରେଂସ କାର୍ଯ୍ୟାଳୟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନା ଅଧ୍ୟକ୍ଷତା କରିଥିଲେ। ସେଥିରେ ବଡ଼ଚଣାର କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ଓବିସି ସେଲର ଉପାଧ୍ୟକ୍ଷ କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସୁଙ୍ଗୁଡ଼ା। ପଂଚାୟତର ସମିତି ସଭ୍ୟ ପ୍ରାର୍ଥୀ ଶ୍ରୀମତୀ ରମଣୀବାଳା ବ୍ରହ୍ମ, ବ୍ଲକ କଂଗ୍ରେସର ଉପଦେଷ୍ଟା ଅଶୋକ ସାମଲ, ଜିଲ୍ଲାପରିଷଦ ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ ପ୍ରଧାନ, ପ୍ରବୀର ବଳଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସ୍ୱର୍ଗତ ଗଣେଶ୍ୱର ରାଉତ ୧୯୯୭ ମସିହାରୁ ଚମ୍ପାପୁର ପଂଚାୟତରେ ସରପଂଚ ହୋଇ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ସେ ଜଣେ କଂଗ୍ରେସ କର୍ମୀ ଭାବରେ କଂଗ୍ରେସ ଦଳକୁ ଅଧିକ ଭଲପାଇ ଆଜିପର୍ଯ୍ୟନ୍ତ ମଧ୍ୟ କଂଗ୍ରେସ ଦଳରେ ଚିରସ୍ମରଣୀୟ ହୋଇ ରହିବେ ବୋଲି କ୍ୟାପ୍‌ଟେନ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ତାଙ୍କ ପରିବାରକୁ ପ୍ରଭୁ ଜଗନ୍ନାଥ ସହାୟ ହେବାପାଇଁ ପ୍ରାର୍ଥନା କରିଥିଲେ।

# ଅବଦାନ ପଞ୍ଚାୟତରେ ତ୍ରିମୁଖୀ ଲଢେଇ : ୭୧୬୨ଜଣ ଭୋଟର ୬୮ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ

କୋଣାର୍କ ୨୯.୦୧.୨୦୨୨ କୋଣାର୍କ ଥାନାନ୍ତର୍ଗତ ଅବଦାନ ଗ୍ରାମ ପଞ୍ଚାୟତରେ ଆସନ୍ତା ୨୪ତାରିଖରେ ୭୧୬୨ଜଣ ଭୋଟର ୬୮ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ଏହି ପଞ୍ଚାୟତଟି ୨୫ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୨ନମ୍ବର ୱାର୍ଡଟି ଅନୁସୂଚୀତ ଜନଜାତିର ବର୍ଗ ପାଇଁ ଉଦ୍ଦିଷ୍ଟ ରହିଛି । ଏହି ୱାର୍ଡରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ନୁସୂଚୀତ ଜନଜାତିର ବର୍ଗ କୌଣସି ପ୍ରାର୍ଥୀ ନ ମିଳିବାରୁ ଏହାକୁ ବାଦ ଦେଇ ୨୪ଟି ୱାର୍ଡ ପାଇଁ ୬୦ଜଣ ୱାର୍ଡମେମ୍ବର, ୪ଜଣ ସମିତି ସଭ୍ୟ ଓ ୪ଜଣ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପଞ୍ଚାୟତରେ ତ୍ରିମୁଖୀ ଲଢେଇକୁ ନଜରରେ ରଖି ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବା ପାଇଁ ଘରଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଏଠାରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମନମୋହିନୀ ଜେନା ଓ ସମିତି ସଭ୍ୟା ପ୍ରାର୍ଥିନୀ ମୀରା ସ୍ୱାଇଁ ଓ ୮ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥିଭାବେ କପିଳଚନ୍ଦ୍ର ମିଶ୍ର ଙ୍କ ସପକ୍ଷରେ ଜନମତ ରହିଛି । ୨୫ଟି ୱାର୍ଡରେ ୩ହଜାର ୬ଶହ ୮୪ଜଣ ପୁରୁଷ ଓ ୩ହଜାର ୪ଶହ ୭୮ଜଣ ମହିଳାଙ୍କ ସମେତ ମୋଟ ୭ହଜାର ୧ଶହ ୬୨ଜଣ ଭୋଟର ରହିଛନ୍ତି। ସରପଞ୍ଚ ପ୍ରାର୍ଥିନୀ ମନମୋହିନୀ ଜେନାଙ୍କ ଶ୍ୱଶୁର ସ୍ୱର୍ଗତ ମଙ୍ଗୁଳି ଜେନା ଜଣେ ଉତ୍ତମ ସଂଗଠକ ଓ ଲୋକ ପ୍ରିୟ ଜନ ନେତା ଭାବେ ଏ ଅଞ୍ଚଳରେ ସେ ବେଶ ପରିଚିତ। ନିଜ ଦକ୍ଷତା ବଳରେ ଅବଦାନ ଗ୍ରାମ ପଞ୍ଚାୟତର ଦୁଇଥର ସରପଞ୍ଚ ହୋଇପାରିଥିବା ବେଳେ କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଦାୟୀତ୍ୱକୁ ସୁଚାରୂପେ ତୁଲାଇ କଂଗ୍ରେସର ଦୂର୍ଗ ପ୍ରତିଷ୍ଠା କରିଥିଲେ । ଅବଦାନ ପଞ୍ଚାୟତରେ ଏହି ଦୂର୍ଗକୁ ଅଧିକ ଶକ୍ତିଶାଳି କରିବା ପାଇଁ ତାଙ୍କ ମଧ୍ୟମ ପୁତ୍ର ଲକ୍ଷ୍ମୀନାରାୟଣ ଜେନା ମଧ୍ୟ ସରପଞ୍ଚ ହୋଇଥିବା ବେଳେ ଏବେ ୮ନମ୍ବର ଜିଲ୍ଲା ପରିଷଦ ଜେନାର ସଭାପତି ତଥା କାକଟପୁର ବ୍ଲକ କଂଗ୍ରେସ କମିଟିର ଉପସଭାପତି ରହିଛନ୍ତି । ଏବେ ଏହି ଦୂର୍ଗକୁ ରକ୍ଷା କରିବା ପାଇଁ ଚଳିତ ନିର୍ବାଚନୀ ରଣାଙ୍ଗନକୁ ଅବତିର୍ଣ୍ଣ ହୋଇଛନ୍ତି ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠା କୂଳ ବଧୂ ମନମୋହିନୀ। ଅନ୍ୟମାନଙ୍କ ଭଳି ମଦ, ମାଂଶ ଓ ଆର୍ଥି କାରବାରକୁ ପ୍ରର୍ଶୟ ନ ଦେଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି ମନମୋହିନୀ। ଜଣେ ବଦାନ୍ୟ ବ୍ୟକ୍ତି, ସମାଜସେବା, ପରଉପକାର ମହିଳା ଭାବେ ବେଶ ଲୋକପ୍ରିୟତା ଅର୍ଜନ କରିଛନ୍ତି ମନମୋହିନୀ । ମନମାହିନୀଙ୍କ ବିପକ୍ଷରେ ୩ଜଣ ପ୍ରାର୍ଥିନୀ ପ୍ରତିଦ୍ୱନ୍ଦିତା କରୁଥିଲେ ମଧ୍ୟ ତାଙ୍କ ପରିବାରର ନିସ୍ୱାର୍ଥପର ସେବାମନବୃତ୍ତି ପାଇଁ ତାଙ୍କୁ ସଫଳତା ଆଣିଦେବ ବୋଲି ସମର୍ଥକମାନେ ପ୍ରକାଶ କରିଛନ୍ତି । ସହିପରି ଏହି ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥିନୀ ଭାବେ ମୀରା ସ୍ୱାଇଁ ଏବଂ ୮ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥିଭାବେ କପିଳଚନ୍ଦ୍ର ମିଶ୍ର ନିର୍ବାଚନୀ ମଇଦାନରେ ଅବତିର୍ଣ୍ଣ ହୋଇଛନ୍ତି । ସରପଞ୍ଚ ପ୍ରାର୍ଥିନୀ ମନମୋହିନୀଙ୍କୁ ସୂର୍ଯ୍ୟ ଚିହ୍ନ ଓ ସମିତି ସଭ୍ୟା ପ୍ରାର୍ଥିନୀ ମୀରଙ୍କୁ ଟେବୁଲ ଚିହ୍ନ ରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଓ କର୍ମୀମାନେ ଅବଦାନ ଗ୍ରାମ ପଞ୍ଚାୟର ପ୍ରତେକ ଭୋଟରଙ୍କୁ ନିବେଦନ କରୁଛନ୍ତି। କଂଗ୍ରେସ ସମର୍ଥନାର ସମିତି ସଭ୍ୟ ପ୍ରାର୍ଥିନୀ ମୀରଙ୍କୁ ଟେବୁଲ ଚିହ୍ନ, ସରପଞ୍ଚ ପ୍ରାର୍ଥିନୀ ମନମୋହିନୀଙ୍କୁ ସୂର୍ଯ୍ୟ ଚିହ୍ନ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥିଭାବେ କପିଳଚନ୍ଦ୍ର ମିଶଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଦଳୀୟ ତୁଙ୍ଗନେତା ଓ କର୍ମୀମାନେ ଅବଦାନ ଗ୍ରାମ ପଞ୍ଚାୟର ପ୍ରତେକ ଭୋଟରଙ୍କୁ ନିବେଦନ କରୁଛନ୍ତି । ଅବଦାନ ଗ୍ରାମ ପଞ୍ଚାୟତକୁ ଏକ ସ୍ୱଚ୍ଛ, ନିର୍ମଳ ଓ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ଏବଂ ଦୂର୍ନିତୀ ମୁକ୍ତ ସମାଜ ଗଠନ କରି ଦଳିତ ଓ ନିଷ୍ପେଶିତମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରାଇ ସେମାନଙ୍କୁ ଆଗେଇ ନେବା ଆମର ଏକ ମାତ୍ର ଲକ୍ଷବୋଲି ନାରିନେତ୍ରୀ ଦ୍ୱୟ ପ୍ରକାଶ ମତବ୍ୟକ୍ତ କରିଛନ୍ତି ।

# ବାଙ୍କୀରେ ଘରକୁ ଘର ବୁଲି ପ୍ରାର୍ଥୀଙ୍କ ପ୍ରଚାର

ବାଙ୍କୀ,(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଭୋଟଚିହ୍ନ ମିଳିବା ପରେ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର ଆରମ୍ଭ କରିଦେଇଛନ୍ତି। ବାଙ୍କୀ ଡମପଡ଼ା ବ୍ଲକର ୩୮ନମ୍ବର ଜୋନ୍‌ର ବିଜୁ ଜନତାଦଳର ଜିଲ୍ଲାପରିଷଦ ପ୍ରାର୍ଥୀ ଆଶିଷ କୁମାର ସାହୁ, ପୂର୍ବବାଙ୍କୀ ଜୋନ୍‌ର ତାଳବସ୍ତ, ବାଆଁରା, ପାଥପୁର ଆଦି ପଞ୍ଚାୟତର ବିଜେଡି ସମର୍ଥୀତ ସରପଞ୍ଚ , ସମିତି ସଭ୍ୟ, ପ୍ରାର୍ଥୀମାନଙ୍କୁ ନେଇ ଘରକୁ ଘର ବୁଲି ଭୋଟ ପ୍ରଚାର କରିବା ସହ ନିଜ ସପକ୍ଷରେ ଜନସମର୍ଥନ ପାଇବା ପାଇଁ ପ୍ରଚାରରେ ସାମିଲ୍ ହୋଇଛନ୍ତି। ସେହିପରି କଂଗେସ ଓ ବିଜେପି ପକ୍ଷରୁ ବିଭିନ୍ନ ଜୋନ୍ ସ୍ତରୀୟ ପ୍ରଚାର କାର୍ଯ୍ୟ ଚାଲୁ ରହିଥିବା ଜଣାପଡିଛି।



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray